## ବଧୂହତ୍ୟା ଅଭିଯୋଗ, ଥାନାରେ ମାମଲା

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ କେଶ୍ରିପାଲି ଗ୍ରାମରେ ବଧୂହତ୍ୟା ଅଭିଯୋଗ ହୋଇଛି । ପ୍ରାୟ ୪ବର୍ଷ ତଳେ ବୌଦ୍ଧ ଜିଲା ମନୁମୁଣ୍ଡା କୁଆଁରପଡ଼ାର ବିଜୟ ସାହୁଙ୍କ ଝିଅ ହେମାମାଳିନୀ କେଶ୍ରିପାଲି ଗ୍ରାମର ସୁନାଧର ସାହୁଙ୍କ ପୁଅ ଗଜାନନଙ୍କୁ ବିବାହ କରିଥିଲେ । ଗତ ରବିବାର ଶାଶୁଘରେ ହେମାମାଳିନୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା । ଅନ୍ୟପଟେ ଶାଶୁଘର ଲୋକେ ତାଙ୍କୁ ହତ୍ୟା କରିଥିବା ନେଇ ମୃତ ହେମାମାଳିନୀଙ୍କ ବାପା ସୋମବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି ।

## ସଂକ୍ଷେପରେ

### ଖଡିଆଳ ୱାର୍ଡ ନଂ. ୧ ସରକାରୀ ଯୋଜନାରୁ ବଞ୍ଚିତ

ଖଡିଆଳ, ୧୪।୧୨ (ଡି.ଏନ.ଏ.)
ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ. ୧ର ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ। ଏହି ୱାର୍ଡ ସହର ୩୫୩ ନମ୍ବର ଜାତୀୟ ରାଜପଥ ଏବଂ ଖଡିଆଳ ମହାବିଦ୍ୟାଳୟ ପାର୍ଶ୍ୱରେ ଥାଇ ମଧ କୌଣସି ସରକାରୀ ଯୋଜନା ପହଞ୍ଚ ପାରୁନାହିଁ। ଆଜକୁ ୧୫/୨୦ ବର୍ଷ ହେଲା ଏହି ୱାର୍ଡକୁ ରାସ୍ତା ନିର୍ମାଣ ହୋଇଥିଲା। ଏହାର ପୁନରୁଦ୍ଧାର ନ ହେବାରୁ ଏବେ ରାସ୍ତାରେ ବଡବଡ ଖାଲ ହେବା ଯୋଗୁ ୨ ଚକିଆ ଯାନବାହନ ମଧ ଠିକ୍ ଭାବେ ଯାତାୟାତ କରି ନାହିଁ ଏଥିଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ହେଉଛି। ଏହି ୱାର୍ଡ ଖଡିଆଳର ନଂ. ୧ ହୋଇଥିବା ବେଳେ ଏହି ୱାର୍ଡକୁ ମୁକ୍ତାପୁର ନାମରେ ନାମିତ କରିଛନ୍ତି। ଏଠି ବିଜୁଳି ଖମ୍ବ ଲାଗିଥିଲେ ମଧ ଆଲୁଅ ଦେଖିବାକୁ ଗ୍ରାମବାସୀ ପୂର୍ଣ୍ଣିମା ଜହ୍ନକୁ ଚାହୁଁଛନ୍ତି । ସେହିପରି ପାନୀୟ ଜଳର ଅନେକ ସମସ୍ୟା ରହିଛି। ଏଠାରେ ୨୭୩ଟି ନଳକୂପ ଥିବା ବେଳେ ପାନୀୟ ଜଳ ପାଇଁ ପାଇପ ଏବଂ ଖୁଣ୍ଟ ଲାଗି ରହିଛି । ହେଲେ ଏହା ଉପର ଅଞ୍ଚଳ ହୋଇଥିବାରୁ ପାଣି ଯାଇପାରୁ ନାହିଁ। ସେହିପରି ଏହି ମୁକ୍ତାପୁରକୁ ବାହ୍ୟ ମଳମୁକ୍ତ ଗ୍ରାମରେ ଘୋଷଣା କରାଯାଇଥିବା ବେଳେ ଅନେକ ଲୋକ ବାହାରକୁ ମଳତ୍ୟାଗ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଏହି ୱାର୍ଡରେ ସଫେଇ କାର୍ଯ୍ୟ, ଡ୍ରେନେଜ ବ୍ୟବସ୍ଥା, ଦୁଇଥର ପାନୀୟ ଜଳ ଯୋଗାଣ, ଅଙ୍ଗନୱାଡି କେନ୍ଦ୍ରରେ ପାଚେରୀ ନିର୍ମାଣ ପାଇଁ ପଡ଼ାବାସୀ ଦାବି କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ୱାର୍ଡ ନଂ. ୧ର ନାଗରିକମାନେ ଦାବି କରିଛନ୍ତି ।

### କ୍ରିକେଟ ଟୁର୍ନାମେଣ୍ଟ : ଉପରମୁଣ୍ଡା ଚାମ୍ପିୟନ

ନାକଟୀଦେଉଳ, ୧୪।୧୨(ଡ଼ି.ଏନ.ଏ.): ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡ଼ିୟମଠାରେ ୧୭ବର୍ଷରୁ କମ ବୟସ୍କ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଉପରମୁଣ୍ଡା ଏବଂ ସରାପାଲି ଏକାଦଶ ମଧରେ ହୋଇଥିଲା। ଏଥିରେ ଉପରମୁଣ୍ଡା ଚାମ୍ପିୟନ ହୋଇଥିଲା। ଖେଳ ପରିଚାଳନା କରିଥିଲେ ସଞ୍ଜିତ ମେହେର ଏବଂ ଆକାଶ ମେହେର। ପୁରସ୍କାର ବିତରଣରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ କ୍ରୀଡ଼ା ଶିକ୍ଷକ ସତ୍ୟବାଦୀ ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

### ସଫେଇ କର୍ମଚାରୀ ସଂଘର ୫ ଦଫା ଦାବିପତ୍ର ପ୍ରଦାନ

ଗୁଡ଼ଭେଲା,୧୪।୧୨(ଡି.ଏନ.ଏ.)
୫ଦଫା ଦାବି ଦେଇ ସୋମବାର ବଲାଙ୍ଗୀର ଜିଲା ତୁଷୁରା ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି। ଏନଏସି କର୍ମଚାରୀ ତାରାକାନ୍ତ ତ୍ରିପାଠୀ ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ଉଲ୍ଲେଖ ଅଛି ଯେ, ଦୀର୍ଘ ୬ ବର୍ଷ ହେଲା ସେମାନେ ଏନଏସିରେ ସଫେଇ କର୍ମଚାରୀ ଭାବେ କାମ କରିଆସୁଛନ୍ତି। ହେଲେ ସବୁବେଳେ ସେମାନଙ୍କୁ ଅଣଦେଖା କରାଯାଉଛି। ଇପିଏଫ, ଇଏସଆଇ ଓ ବାକି ଥିବା ସମସ୍ତ ବାକିଆ ଟଙ୍କା ତୁରନ୍ତ ପ୍ରଦାନ, ମାସର ପ୍ରଥମ ସପ୍ତାହରେ ଦରମା ଏବଂ ମନଇଚ୍ଛା ଛଟେଇ ବନ୍ଦ ଆଦି ଦାବିଗୁଡ଼ିକ ୭ ଦିନ ଭିତରେ ପୂରଣ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସଂଘ ସଭାପତି ମନୋଜ ଜୈନ,ଉପସଭାପତି ବିକାଶ ଶର୍ମା, ସମ୍ପାଦକ ହରିହର ସାହୁ, ସହସମ୍ପାଦକ ଅନୀତା ସୁନା, ରଞ୍ଜନ ବାଗ, ମନୋଜ ସୁନ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ବେକରୁ ସୁନାଚେନ ଲୁଟ

ରାଉରକେଲା ଅଫିସ, ୧୪। ୧୨: ଉଦିତନଗର ଥାନା ବାସନ୍ତୀ କଲୋନୀ ଓଭର ବ୍ରିଜ ଉପରୁ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଛି। ଏନେଇ ସମ୍ପୃକ୍ତ ଥାନା ପକ୍ଷରୁ ଦତନ୍ତ ଆରମ୍ଭ ହୋଇଛି। ୨ଜଣ ଅଜଣା ଯୁବକ ଏକ ବାଇକରେ ଅପରାହ୍ନ ପ୍ରାୟ ସାଢେ ୪ଟା ବେଳେ ଦ୍ରୁତ ଗତିରେ ଆସି ଚାଲିକରି ଯାଉଥିବା ମହିଳାଙ୍କ ବେକରୁ ସୁନା ଚେନ ଲୁଟି ଫେରାର ହୋଇ ଯାଇଥିଲେ। ମହିଳା ଜଣଙ୍କ ହେଉଛନ୍ତି ବାସନ୍ତୀ କଲୋନୀ ବାସିନ୍ଦା ସ୍ନିଧାଜଂଳି ନନ୍ଦା। ସେ କୌଣସି କାମରେ ଯାଇ ଘରକୁ ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିବା କୁହାଯାଉଛି ।

# ଧାନ ସଂଗ୍ରହରୁ ମିଲ୍‌କୁ ବାଦ୍ ଦିଆଯାଉ

## ଚାଷୀଙ୍କୁ ମିଲର୍ସଙ୍କ ମାଡ଼ ଘଟଣା

■ଜିଲାପାଳ, ସିଏସ୍‌ଓ, ଡିଆର୍‌ସିଏସ୍‌ଙ୍କୁ ଦାବିପତ୍ର

ସମ୍ବଲପୁର,୧୪।୧୨(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠ ବୈଜାମୁଣ୍ଡାସ୍ଥିତ ସମଲେଶ୍ୱରୀ ଉଦ୍ୟୋଗ ମିଲର୍ସଙ୍କ ନାମରେ ମାରପିଟ ଅଭିଯୋଗ ହୋଇଥିଲା। ଘଟଣାକୁ ୩ଦିନ ବିତିଯାଇଥିଲେ ମଧ ପୋଲିସ ଓ ପ୍ରଶାସନ ମିଲର୍ସଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ଜିଲା କୃଷକ ସଂଗଠନ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ସେମାନେ ଜିଲାପାଳ ଶୁଭମ୍ ସକସେନାଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାସହ କୁଚିଣ୍ଡା ଉପଖଣ୍ଡରେ ଧାନ ସଂଗ୍ରହରେ ହୋଇଥିବା ଅବ୍ୟବସ୍ଥା ଉପରେ ଆଲୋଚନା କରି ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ପରେ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ ଓ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କୁ ଭେଟି ମିଲକୁ ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ ଦିଆଯାଉ ବୋଲି ଦାବି କରିଥିଲେ। ସେହିପରି ଏସ୍‌ପିଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡାଙ୍କୁ ଭେଟି ଆଇନଗତ ପଦକ୍ଷେପ ନେବାକୁ ଦାବି କରିଥିଲେ। ମାଡ଼ ଖାଇଥିବା ଚାଷୀ ବିଭୂତି ପ୍ରଧାନଙ୍କ ସମେତ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ଉମେଶ ମିଶ୍ର, ବ୍ୟୋମକେଶ ଠାକୁର, ହରିଶଙ୍କର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ,ଟାମ୍ପରକେଲା (ଅଇଁଲାମାଲ) ଗ୍ରାମର ଚାଷୀ ପ୍ରଧାନ ଧାନ ନେଇ ମିଲକୁ ଆସିଥିବାବେଳେ କଟନୀଛଟନୀକୁ ବିରୋଧ କରିଥିଲେ। ଏଥିରେ ମ୍ୟାନେଜର ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ପରେ ମିଲ ମାଲିକ ଆସି ଗାଳିଗୁଲଜ ସହ ମାଡ଼ ମାରିଥିବା ନେଇ ବିଭୂତି ବୁର୍ଲା ଥାନା ଗୋଶାଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୋଲିସ ୬୭୨/୨୦ରେ ମାମଲା ରୁଜୁ କରିଥିଲା।


କୃଷକ ସଙ୍ଗଠନ ପକ୍ଷରୁ ଡିଆର୍‌ସିଏସ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

# ବାଇକ୍‌ରୁ ୫୦ ହଜାର ଟଙ୍କା ଝାମ୍ପି ନେଲେ ଦୁର୍ବୃତ୍ତ

## ବ୍ୟାଙ୍କରୁ ଧାନ ବିକ୍ରି ଟଙ୍କା ଆଣୁଥିବା ବେଳେ ଲୁଟ୍‌ର ଶିକାର

ଜୁନାଗଡ଼, ୧୪।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଅମାଠୋଲା ଗ୍ରାମର କକା ଓ ପୁତୁରା ଧାନ ବିକ୍ରି ଟଙ୍କା ବ୍ୟାଙ୍କରୁ ଆଣୁଥିବା ବେଳେ ସୋମବାର ଜୁନାଗଡ଼ ସହରସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ ପାଖରେ ଟଙ୍କା ବ୍ୟାଗକୁ ଦୁର୍ବୃତ୍ତମାନେ ଝାମ୍ପି ନେଇ ପଳାଇଛନ୍ତି। ସଙ୍ଗେ ସଙ୍ଗେ କକା ପୁତୁରା ଜୁନାଗଡ଼ ଥାନାକୁ ଆସି ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଆମାଠୋଲା ଗ୍ରାମର ହୃଷୀକେଶ ରଣା (୬୦) ନିଜ ପୁତୁରା ବିଭିଷଣ ରଣାଙ୍କୁ ସାଙ୍ଗରେ ଧରି ସୋମବାର ଜୁନାଗଡ଼ ଷ୍ଟେଟବ୍ୟାଙ୍କକୁ ଧାନ ବିକ୍ରି ଟଙ୍କା ଉଠାଣ ପାଇଁ ଆସିଥିଲେ। ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଣ କରି ବାଇକ୍‌ରେ ଆସୁଥିଲେ। ବିଭିଷଣ ବାଇକ ଚଳାଉଥିବା ବେଳେ ହୃଷୀକେଶ ଟଙ୍କା ବ୍ୟାଗ ଧରି ବସିଥିଲେ। ଜୁନାଗଡ଼ସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ ନିକଟ ସୁନ୍ନିମୁସଲିମ କବରସ୍ଥାନ ପାଖରେ ଅପରାହ୍ନ ସାଢେ ୩ଟାରେ ୨ଜଣ ଦୁର୍ବୃତ୍ତ ବିପରୀତ ପଟୁ ଆସି ହୃଷୀକେଶ ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଥିଲେ।

# ଚାଷୀଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

## ଫସଲବୀମା ପ୍ରଦାନ ପାଇଁ ପ୍ରତିଶ୍ରୁତି

ଦେବଗଡ଼,୧୪।୧୨(ଡି.ଏନ.ଏ)

ଆଗାମୀ ୧୫ ଦିନ ମଧରେ ଫସଲ ବୀମାରାଶି ପ୍ରଦାନ ପାଇଁ ଜିଲା ପ୍ରଶାସନ ତଥା ସମବାୟ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହି ପ୍ରତିଶ୍ରୁତି ପରେ ସୋମବାର ଜିଲା କୃଷକ ସଂଘ ସମର୍ଥନରେ ଚାଷୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ସୂଚନା ଥାଉ କି ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ନୂଆଁଡିହୀ, ଖିଲେଇ, ଟିଙ୍କବୀର, ତାରଙ୍ଗ, ନାଉଲିପଡା, ବୁଡିଦୋ ସମସତ ବିଭିନ୍ନ ଗ୍ରାମ ପଞ୍ଚାୟତର ବହୁ ଚାଷୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଗତ୨୦୧୯ ମସିହାର ଫସଲ ବୀମାରାଶି ମିଳି ନ ଥିବାରୁ ସେମାନେ ବହୁବାର ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଦେବଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଗୁହାରି କରିଥିଲେ। ଏହି କ୍ରମରେ ବୀମାରାଶିରୁ ବଞ୍ଚିତ ଚାଷୀମାନେ ବୀମାରାଶି ପ୍ରଦାନ ଦାବିରେ ଶେଷଥର ପାଇଁ ଗତ ୩ ତାରିଖରେ ପୁଣିଥରେ ଜିଲାପାଳଙ୍କ ଦ୍ୱାରସ୍ଥ ହେବାସହ ତୁରନ୍ତ ବକେୟା ବୀମାରାଶି ପ୍ରଦାନ କରା ନ ଗଲେ ଡିସେମ୍ବର ୧୪ରୁ ଜିଲା କୃଷକ ସଂଘ ଜରିଆରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଲିଖିତ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ସେମାନଙ୍କୁ ବୀମାରାଶି ନ ମିଳିବାରୁ ସୋମବାର ସେମାନେ ଜିଲା କୃଷକ ସଂଘର ସମର୍ଥନରେ ଚାଷୀ ମକରଧ୍ୱଜ ପ୍ରଧାନ, ପ୍ରମୋଦ ବେହେରା, ଲାଲ କୁମାର ମହାନନ୍ଦ, ପ୍ରସନ୍ନ ବେହେରା, ସୁବାସ ପ୍ରଧାନ, ଖେତ୍ରୁ ବେହେରା,ସୁଶାନ୍ତ ସାହୁ, ପ୍ରଦ୍ୟୁମ୍ନ ପ୍ରଧାନ, ସଚ୍ଚିନ୍ଦ୍ର ପ୍ରଧାନ ଓକ୍କୁନୁ ପ୍ରଧାନ ପ୍ରମୂକ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅନଶନ ସ୍ଥଳରେ ଜିଲା କୃଷକ ସଂଘ ସଭାପତି ପ୍ରମୋଦ ଝାଙ୍କର, ଉପସଭାପତି ବିଜୟ ପ୍ରଧାନ, ସମ୍ପାଦକ ଯଯାତି କିଶୋର ବିଶ୍ୱାଳ, ସଂଗ୍ରାମଜିତ କୁଅଁର ଓ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁ ଉପସ୍ଥିତ ରହି ଅନଶନକାରୀଙ୍କୁ ସମର୍ଥନ କରିଥିଲେ। ସୂଚନା ପାଇ ଅପରାହ୍ନ ପ୍ରାୟ ୩ଟା ସମୟରେ ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ କୁମାର ନାୟକ ଓ ଏ.ଆର୍‌.ସି.ଏସ୍‌.ନିମାଇଁ ଚରଣ ନାୟକ ପ୍ରମୁଖ ଅନଶନ ସ୍ଥଳିରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ନିକଟରୁ ଏ ସମ୍ପର୍କୀତ ଦାବିପତ୍ର ଗ୍ରହଣ କରିଥିଲେ। ଆଗାମୀ ଜାନୁୟାରୀ ୫ ତାରିଖ ମଧରେ ବୀମାରାଶି ପ୍ରଦାନ ପାଇଁ ଏ.ଆର୍‌.ସି.ଏସ୍‌.ନାୟକ ଲିଖିତ ପ୍ରତିଶ୍ରୁତି ଦେବାରୁ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।


ଫସଲ ବୀମା ଦାବିରେ ଚାଷୀଙ୍କ ଆମରଣ ଅନଶନ।

## ରାଜ୍ୟ ସଭା ସଦସ୍ୟଙ୍କ କେସିଙ୍ଗା ବ୍ଲକ ପରିଦର୍ଶନ

କେସିଙ୍ଗା, ୧୪।୧୨ (ଡି.ଏନ.ଏ.)

ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସେଠ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଉତକେଲା, ଫଟକାମାଲ, ପାଷ୍ଟିକୁଡି ଆଦି ପଞ୍ଚାୟତ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଥିଲେ। କେସିଙ୍ଗାସ୍ଥିତ ଡ. ବିଆର ଆମ୍ବେଡକର ଭବନ ପରିସର ରାଜ୍ୟ ସଭା ସଦସ୍ୟ ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନଜ୍ୟୋତି ସାବିତ୍ରି ବାଇ ଫୁଲେ ପାଠାଗାର ଓ ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହି ଶିକ୍ଷା କେନ୍ଦ୍ରରେ ଗରିବ ଯୁବତୀଯୁବକଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଦେବା ବ୍ୟବସ୍ଥା ରହିଛି । ଏଥିପାଇଁ ୨ ଲକ୍ଷ ଓ ପାଠାଗାର ଉନ୍ନତି ପାଇଁ ୫ ଲକ୍ଷ ରାଜ୍ୟ ସଭା ସାଂସଦଙ୍କ ପାଣ୍ଠିରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି କେସିଙ୍ଗା ଥାନା ଏସଡିପିଓ ଏସ୍ ସୁଶ୍ରୀ ଯୋଗଦେଇ ନାରୀ ସଶକ୍ତିକରଣ, ନାରୀ ସୁରକ୍ଷା ଆଦି ବିଷୟରେ ଆଲୋକପାତ କରିଥିଲେ। ସଂଘ ସଭାପତି ନେହେରୁ ସୁନାନୀ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ସଂଘ ଉପସଭାପତି ବିଷ୍ଣୁ ସୁନାନୀ, ସମ୍ପାଦକ ଶିଶୁପାଳ ବାଗ, କୋଷାଧକ୍ଷ ତ୍ରିନାଥ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବକୁ ଚନ୍ଦନ ସେନାପତି ପରିଚାଳନା କରିଥିଲେ। ସଂଘ ଅଧକ୍ଷ ସୁରେଶ ମହାନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁଗଳ କିଶୋର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ: ପୁଲସଖେଣ୍ଡ ଚାମ୍ପିୟନ

ଦେଓଗାଁ,୧୪।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଦେଓଗାଁ ନେହେରୁ ଖେଳ ପଡିଆରେ ରବିବାର ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶିରିଶ ଓ ପୁଲସଖେଣ୍ଡ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଶିରିଶ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୩୦ରନ କରିଥିଲା। ଜବାବରେ ପୁଲସଖେଣ୍ଡ ଦଳ ମଧ ୩୦ରନ କରିବାରୁ ଖେଳ ଟାଇ ହୋଇଥିଲା। ଏଣୁ ସୁପରଓଭରର ସହାୟତା ନିଆଯାଇଥିଲା। ଏଥିରେ ପୁଲସଖେଣ୍ଡ ଦଳ ୧୬ରନ କରିଥିବା ବେଳେ ଶିରିଶ ଦଳ ମାତ୍ର ୩ ରନ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ୧୬ରନ କରି ଦଳକୁ ବିଜୟୀ କରାଇଥିଲେ। ଫାଇନାଲ ଖେଳକୁ ସପନ ଅଗ୍ରୱାଲ ଓ ରାଜା ନାଗ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ସପନ ଅଗ୍ରୱାଲଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, କ୍ରୀଡାବିତ୍ ଲଳିତ କୁମାର ମହାନନ୍ଦ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ଅନନ୍ତ ମଲ୍ଲିକ, ବାଦଲ ଅଗ୍ରୱାଲ, ସୁନୀଲ କର୍ତ୍ତି, ସଞ୍ଜୁ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ଜିଲା ମାଷ୍ଟର୍ସ କ୍ରୀଡ଼ା ସଂଘ ବାର୍ଷିକ ବୈଠକ

ସମ୍ବଲପୁର, ୧୩।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା କ୍ରୀଡା ସଂଘର ବାର୍ଷିକ ସାଧାରଣ ବୈଠକ ରବିବାର ପାନ୍ଥ ନିବାସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ବିଶ୍ୱମ୍ଭର ବହିଦାରଙ୍କ ଅଧକ୍ଷତାରେ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରୁଖା ଫୁଟବଲ ଖେଳାଳି ଡ. ବିଜୟ ବାହାଦୁର ସିଂ ବଚନ, ଖେଳ ଶିକ୍ଷକ ଗୋପାଳ ପ୍ରସାଦ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ମଞ୍ଚ ଅଭିନେତା କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ, ପ୍ରସାର ଭାରତୀ ଅବସରପ୍ରାପ୍ତ ଯୁଗ୍ମ ମହାନିର୍ଦ୍ଦେଶକ ଅଭୟ ପାଢ଼ୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ୨୦୨୧ରେ ପରିସ୍ଥିତି ଠିକ ରହିଲେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗୀତା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଇଦ୍ରିଶ ମଲ୍ଲିକ, ମୁନୁ ଜାଫର୍, ମନୋରଞ୍ଜନ ପାଢ଼ୀ, ପ୍ରେମରଞ୍ଜନ ପ୍ରଧାନ, ଜଗବନ୍ଧୁ ବେହେରା, ସୁକାନ୍ତ ବୋଷ, ସୁରୋଜ ଯୋଗୀ, ଭୀମ ଛତର, ସୁନୀଲ ତ୍ରିପାଠୀ, ଭବାନୀ ମିସ୍ତ୍ରୀ, ନନ୍ଦି ବେହେରା, ଧାନଦେବ ତନସନା, ମଥୁରା ଓରାମ, ମନୋଜ ଭୋଇ, ସୁରେନ୍ଦ୍ର ମୋହନ ପୁରୋହିତ ଆଲୋଚନାରେ ଭାଗ ନେଇଥିଲେ। ଡ. ବିଜୟ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ତେଜିଲା କୃଷି ଆଇନ ପ୍ରତ୍ୟାହାର ଦାବି

ସମ୍ବଲପୁର,୧୪।୧୨(ବ୍ୟୁରୋ)

କେନ୍ଦ୍ର କୃଷି ଆଇନ ଚାଷୀ ବିରୋଧୀ। କୃଷିକୁ ଘରୋଇକରଣ କରିବାକୁ ସରକାର ଏଭଳି ଆଇନ ଆଣିଛନ୍ତି। ସୋମବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନଙ୍କ ସହ ଧାରଣା ଦେବା ଅବସରରେ ବିଭିନ୍ନ ଦଳ ଓ ସଂଗଠନର କର୍ମକର୍ତ୍ତା ଏହା ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ମୁଖପାତ୍ର ସରୋଜ ମହାନ୍ତି, ଜିଲା କୃଷକ ସଂଗଠନ ସଭାପତି ମୁରାରୀ ପୁରୋହିତ, ଉପସଭାପତି ଉମେଶ ମିଶ୍ରଙ୍କ ସମେତ ଜିଲା ଆଞ୍ଚଳିକ କୃଷକ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। କମ୍ୟୁନିଷ୍ଟ ନେତା ଅଶୋକ ବିଶି, ହିନ୍ଦ୍ ମଜଦୁର ସଂଘ ରାଜ୍ୟ ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ଆପ୍‌ର ବୀରେନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ନେତା ସୁଧୀର ପଣ୍ଡା, ସମାଜବାଦୀ ପାର୍ଟି ଜିଲା ସଭାପତି ଅନୀଲ ଯାଦବ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଆନ୍ଦୋଳନ ସ୍ଥଳ ନିକଟରେ ଆପ୍ କର୍ମକର୍ତ୍ତା ଉପବାସରେ ରହିଥିଲେ।

ସୋନପୁର,(ନି.ପ୍ର.): ସୋମବାର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଓ ଜିଲା କୃଷକ ସଂଘ ପକ୍ଷରୁ ଶତାଧିକ ଚାଷୀ ଏହି ଗଣଧାରଣାରେ ସାମିଲ ହୋଇଥିଲେ। କଂଗ୍ରେସ ଓ ଶ୍ରମିକ ସଂଗଠନ ପକ୍ଷରୁ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଦିଆଯାଇଥିଲା । ଚାଷୀ ନେତା ରାଜେନ୍ଦ୍ର କୁମାର ନାୟକ, ବୈକୁଣ୍ଠନାଥ ଶତପଥୀ, ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ଚନ୍ଦ୍ରମଣି ତ୍ରିପାଠୀ, ସୁଧୀର ପଣ୍ଡା, କର୍ଣ୍ଣରାଜ ପଧାନ, ପ୍ରତାପ ଦେହୁରୀ ଓ ଗୋବିନ୍ଦ ମହାରଣା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

ଲଖନପୁର,(ଡି.ଏନ୍.ଏ): ଝାରସୁଗୁଡା ଜିଲାର ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଦେଇଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କଂଗ୍ରେସ, ସିପିଆଇ ସମେତ ୧୧ଟି ସଙ୍ଗଠନ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗୋପିନାଥ ମାଝି, ଭରତ ଅଗସ୍ତି, ସାରଙ୍ଗଧର ମିଶ୍ର, ପ୍ରଭାକର ଓରାମ, ସୁରେନ୍ଦ୍ର ସାହୁ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ତରବୋଡ, (ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଆମରଣ ଅନଶନରେ ବସିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତି ଜିଲାପାଳ ଅଗଷ୍ଟି ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସକାଳ ୮ଟାରୁ ଆମରଣ ଅନଶନ ବସିଥିଲେ। ଦେବଦତ୍ତ ଦିକ୍ଷିତ, ମୁନ୍ନାଲାଲ ଦେବାଙ୍ଗନ, ଯୋଗେନ୍ଦ୍ର ସାହୁ, ମହେନ୍ଦ୍ର ସିଂ ସାଲୁଜା, ସାହରୁଖ ଖାନ, ଧନୀରାମ ସାହୁ, ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବରଗଡ଼ ଅଫିସ: ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଏବଂ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ସକାଳୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସତ୍ୟାଗ୍ରହ କରାଯାଇଥିଲା। ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଜୟ କିଶାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ, ସମ୍ପାଦକ ହର ବଣିଆଙ୍କ ସମେତ ବହୁ ଚାଷୀ ଉଦ୍‌ବୋଧନ ଦେଇଥିଲେ । ଅନ୍ୟପକ୍ଷେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଧ୍ୟ ଗାନ୍ଧୀଛକ ଏବଂ ବରଗଡ ଜିଲାପାଳଙ୍କ ଅଫିସ ଆଗରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ସେହିପରି ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ ଅତାବିରା ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ବୌଦ୍ଧ,(ସ୍ୱ.ପ୍ର): ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଧାରଣା ଅନୁଷ୍ଠିତ ହୋଇଥିଲା । କୃଷକ ଆନ୍ଦୋଳନରେ ବୌଦ୍ଧରେ କଂଗ୍ରେସ ଓ ସିପିଆଇ ପକ୍ଷରୁ ମଧ୍ୟ ପୂର୍ଣ୍ଣ ସମର୍ଥନ ଦିଆଯିବ ସହ ବିକ୍ଷୋଭ କରାଯାଇଥିଲା । ଏହା ସହ ଆଇନକୁ ପ୍ରତ୍ୟାହାର ପାଇଁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭରେ ବୌଦ୍ଧ ନବ ନିର୍ମାଣ କୃଷକ ସଙ୍ଗଠନର ସଭାପତି ନରେନ୍ଦ୍ର କୁମାର ସାହୁ, ପ୍ରସନ୍ନ କୁମାର ପ୍ରଧାନ, ହୃଷିକେଶ ପ୍ରଧାନ ଓ କଂଗ୍ରେସ ଜିଲା ସଭାପତି ନବକୁମାର ମିଶ୍ର, ପ୍ରଦୀପ ଦାସ, ଅର୍ଜୁନ ମହାନନ୍ଦିଆ, ସିପିଆଇ ଜିଲା ସମ୍ପାଦକ ଅବକାଶ ସାହୁ, ପ୍ରଦୀପ କୁମାର ମହାକୁଡ ପ୍ରମୁଖ ସାମିଲ ହୋଇଥିଲେ ।

ସୁନ୍ଦରଗଡ଼,(ଡି.ଏନ୍.ଏ): ଅଖିଳ ଭାରତ କୃଷକ ସଂଘର୍ଷ ସମିତିର ଆନ୍ଦୋଳନକୁ ସମର୍ଥନ ଜଣାଇ ସୋମବାର ମିଳିତ ଟ୍ରେଡ ୟୁନିୟନ ଓ କଂଗ୍ରେସ ପକ୍ଷରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାଶ, ସିଆଇଟିୟୁର ରାଜ୍ୟ ଉପସଭାପତି ପ୍ରମୋଦ ସାମଲ, ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ସତ୍ୟ ସାହୁ, ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ଗୁରୁଣ୍ଡିଆ ବ୍ଲକ ଅଧ୍ୟକ୍ଷା ବିରଜନିଆ ଯୋଯୋ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଦେବଗଡ଼, (ଡି.ଏନ.ଏ): ଦେବଗଡ ଜିଲା କୃଷକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ଓ ଧାରଣା ଦିଆଯାଇଥିଲା । ଜିଲା କୃଷକ ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କର, ଉପସଭାପତି ବିଜୟ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଯଯାତି କିଶୋର ବିଶ୍ୱାଳ, ଭୁପେନ୍ଦ୍ର ପ୍ରସାଦ ନାୟକ ଓ ରାମଜୀ ପ୍ରସାଦ ଗୁପ୍ତାଙ୍କ ନେତୃତ୍ୱରେ ଦେବଗଡ ଜିଲାର ବହୁ ଚାଷୀ ଓ ଚାଷୀ ନେତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଓ ରାଜ୍ୟ କୃଷକ ବିଜେଡି ଉପ ସଭାପତି ଅମରନ୍ଦ୍ର ଗଙ୍ଗଦେବ, ବିଭୁତି ଗଙ୍ଗଦେବ, ସଂଗ୍ରାମଜିତ କୁଅଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।







କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା (ବାମ)। ବରଗଡ଼ ଗାନ୍ଧୀଛକରେ ଅନୁଷ୍ଠିତ ସତ୍ୟାଗ୍ରହରେ ଚାଷୀନେତା ଲିଙ୍ଗରାଜ ଉଦ୍‌ବୋଧନ ଦେଉଛନ୍ତି ।

## ମାସ୍କ, ହେଲମେଟ ନ ପିନ୍ଧି ଜରିମାନା ଦେଲେ

ଲୋଇସିଂହା, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ପକ୍ଷରୁ ମାସ୍କ ଓ ହେଲମେଟ ଯାଞ୍ଚ ହେଉଛି। ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ୭୧ଜଣଙ୍କଠାରୁ ୩୨ହଜାର ୧ଶହ ଟଙ୍କା ଆଦାୟ କରାଯାଇଛି। ୧୫ଜଣଙ୍କ ବିରୋଧରେ ଏମଭିପିଆର ଦାଖଲ କରାଯାଇଛି। ଏଯାଏ ମାସ୍କ ଯାଞ୍ଚ ବେଳେ ୫୦ ଜଣଙ୍କଠାରୁ ୨୨ ହଜାର ୬ଶହ ଓ ବିନା ହେଲମେଟରେ ଯାତ୍ରା କରୁଥିବା ୨୧ ବାଇକ ଆରୋହୀଙ୍କଠାରୁ ୧୦ହଜାର ୫ ଶହ ଟଙ୍କା ଆଦାୟ ହୋଇଛି। ସେହିପରି ୧୫ ବିନା ହେଲମେଟ ବାଇକ ଆରୋହୀଙ୍କ ବିରୋଧରେ ଏମଭିପିଆର ପଠାଯାଇଥିବା ଏସଆଇ ନବୀନ ଭୋଇ ପ୍ରକାଶ କରିଛନ୍ତି।



**ସଂକ୍ଷେପରେ**

### କରୋନାରେ ବରିଷ୍ଠ ଆଇନଜୀବୀଙ୍କ ମୃତ୍ୟୁ

ତରବୋଡ, ୧୪।୧୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲାର ବରିଷ୍ଠ ଆଇନଜୀବୀ ଧର୍ମବୀର ଯୋଶୀ (୫୩)ଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଛି। ୮ ଦିନ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ସେ ନୂଆପଡା କୋଭିଡ କେୟାରରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଛତିଶଗଡ ରାଜ୍ୟ ରାଏପୁରସ୍ଥିତ ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହକୁ ନୂଆପଡା ଆଣାଯିବା ପରେ ଶବସତ୍କାର କରାଯାଇଥିଲା। ସେ ନୂଆପଡାରେ ଦୀର୍ଘ ୩୩ ବର୍ଷ ଆଇନଜୀବୀ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

### ନୂତନ ନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

ତରବୋଡ, ୧୪।୧୨ (ଡି.ଏନ.ଏ.)

ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ନୂଆପଡା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାଷ ବଞ୍ଚାଅ, ଚାଷୀ ବଞ୍ଚାଅ, ଦେଶ ବଞ୍ଚାଅ, ସରକାରଙ୍କ ତିନି କଳା କୃଷି ଆଇନ ବରଖାସ୍ତ କରାଯାଉ, ଏମଏସପି ଲାଗୁ ରହୁ ବୋଲି ସେମାନେ ନାରା ଦେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ସଭାପତି ଭାରତ ଲାଲ ରାଉତ, ସୋନୀଲାଲ ସାହୁ, କୌଶିକ ସାହୁ, ଦିବନ ସାହୁ, ପ୍ରକାଶ ସାହୁ, ଲଖନ ରାଉତ, ତୁକେଶ୍ୱର ଯାଦବ, ବଣ୍ଟି ଖାନ୍, ପୁରୁଷୋତ୍ତମ ଦେବାଙ୍ଗନ, ରାମସିଂ ମାଝି, ରାମଚରଣ ସାହୁ, ଲାଲସିଂ ମାଝି, ଗୋବର୍ଦ୍ଧନ ମାଝି, ଚନ୍ଦନ ସାହୁ, ଅମରଚନ୍ଦ୍ର ଚନ୍ଦ୍ରକାର ଓ ଜିଲା କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିପୂର୍ବରୁ ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରଥିଲା।

### ଏଏପିର ସାମୂହିକ ଅନଶନ

ଦେଓଗାଁ,୧୪।୧୨(ଡି.ଏନ.ଏ)

କୃଷକ ସଂଗଠନର ସାମୂହିକ ଅନଶନ ନିଷ୍ପତ୍ତିକୁ ସମର୍ଥନ ଜଣାଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଫଟାମୁଣ୍ଡାରେ ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ସୋମବାର ସାମୂହିକ ଅନଶନ କରାଯାଇଥିଲା। ଆବାହକ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅନଶନ କାର୍ଯ୍ୟକ୍ରମରେ ସରୋଜ ପଟେଲ, ବଳରାମ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

### ବିଏସ୍‌ପିର ସୁବର୍ଣ୍ଣପୁର ଜିଲା କମିଟି

ସୋନପୁର,୧୪।୧୨(ନି.ପ୍ର.)

ବହୁଜନ ସମାଜ ପାର୍ଟି(ବିଏସ୍‌ପି) ସୁବର୍ଣ୍ଣପୁର ଜିଲା ଶାଖାର ନୂତନ କମିଟି ସୋମବାର ଗଠନ ହୋଇଛି। ପର୍ଯ୍ୟବେକ୍ଷକ ଭାବେ ବିଏସ୍‌ପିର ରାଜ୍ୟ ସମ୍ପାଦକ ପ୍ରମୋଦ ଲୁହୁରା ଓ ରାଜୁ ନାଗ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ଅନୀଲ କୁମାର ତାଣ୍ଡି, ଉପସଭାପତି ଅଶୋକ ନାଏକ, ସମ୍ପାଦକ ଉତ୍ତମ ତାଣ୍ଡି ଓ ସହସମ୍ପାଦକଭାବେ ଦେବବ୍ରତ ପେରାଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ପାର୍ଟିର କୋର କମିଟି ଗଠନ କରାଯାଇଥିଲା। ଏଥିରେ ମୁନିଲାଲ ମହାନନ୍ଦ, ଅଚ୍ୟୁତ ବିଭାର, ପ୍ରଦୀପ ମହାନନ୍ଦ ଓ କାହ୍ନୁଚରଣ ବିଭାରଙ୍କୁ ନିଆଯାଇଛି। ସଭାରେ ବରିଷ୍ଠ ନେତା ରାଜା ନାଗ, ଅଷ୍ଟମ ବାଘ ଉପସ୍ଥିତ ଥିବାବେଳେ ଜିଲା ପ୍ରଭାରୀ ଗରିବ ବାଘ ଧନ୍ୟବାଦ ପ୍ରଦାନ କରିଥିଲେ ।

### ଶିଶୁ ସୁରକ୍ଷା ସଚେତନତା କର୍ମଶାଳା

ଲୋଇସିଂହା,୧୪।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବସୀ ଭବନଠାରେ ସ୍ଥାନୀୟ ୱାଲ୍ଡଭିଜନ ଏଡିପି ଶାଖା ଆନୁକୂଲ୍ୟରେ ଶିଶୁ ସୁରକ୍ଷା ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଡିଏଫ ଧ୍ରୁବଚରଣ ସାମଲ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଜିଲା ଶିଶୁ ସୁରକ୍ଷା ସମିତିର ଅରୁଣ ଖୁଆସ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ସୁରକ୍ଷା, ଅଧିକାର ଓ ଆଇନ ସମ୍ବନ୍ଧୀୟ ସୁବିଧା ଉପରେ ଆଲୋକପାତ କରିଥିଲେ । ସୁଧୀର ସ୍ୱାଇଁ, ସାମୁଏଲ ରାଏତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଶୋକ ବାରିକ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ ।

# ଧାନ ଉଠାଣରେ ମନ୍ଥର, ଚାଷୀ ଅସନ୍ତୋଷ

କୋକସରା, ୧୪।୧୨ (ଡି.ଏନ.ଏ.)

ଟୋକାନ ମିଳିଛି ହେଲେ ଟାର୍ଗେଟ ନାହିଁ, ସପ୍ତାହ ସପ୍ତାହ ଧରି ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି ଚାଷୀ। କେବେ ଧାନ ଉଠିବ ହେସି ଅପେକ୍ଷା କରିଛନ୍ତି ଚାଷୀ। କଳାହାଣ୍ଡି ଜିଲା କୋକସରା ମଣ୍ଡିରେ ଏହିଭଳି ପରିସ୍ଥିତି ଦେଖାଦେଇଛି। ଧାନ ଉଠାଣରେ ମନ୍ତର ଦେଖାଦେଇଥିବା ବେଳେ କୌଣସି ଯୋଗାଣ ବିଭାଗ ଅଧିକାରୀ କି ପ୍ରଶାସନିକ ଅଧିକାରୀ ଚାଷୀଙ୍କ ସମସ୍ୟା ବୁଝିବାକୁ ଆସୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସୂଚନା ଅନୁସାରେ କୋକସରା ମଣ୍ଡିରେ ଗତ ମାସ ୧୬ ତାରିଖରୁ ଧାନ କିଣା ଆରମ୍ଭ ହୋଇଛି। ଏହି ମଣ୍ଡିରେ ଧାନ ବିକ୍ରି ପାଇଁ କୋକସରା, ରେଙ୍ଗାଳପାଲି ଓ ମାଝିଗୁଡା ପଞ୍ଚାୟତ ୧୧୧୯ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଛନ୍ତି। ରବିବାର ସୁଦ୍ଧା ୩୧୬ଜଣ ଚାଷୀଙ୍କ ୨୩୨୧୭ କୁଇଣ୍ଟାଲ



କୋକସରା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡ଼ିରହିଛି।

ଧାନ କ୍ରୟ ହୋଇଛି। ଅନ୍ୟପଟେ କୋକସରା ମଣ୍ଡିକୁ ପ୍ରଥମ ପର୍ଯ୍ୟାୟରେ ୩୫୦୦୦ କୁଇଣ୍ଟାଲ ଟାର୍ଗେଟ ମିଳିଥିବା ବେଳେ ୫ଟି ମିଲକୁ ଧାନ କିଣିବା ପାଇଁ ନିୟୋଜିତ କରାଯାଇଥିଲା। ସେଥିମଧ୍ୟରୁ ଜେକେ ଫୁଡ଼ ଓ ଶ୍ରୀ କହ୍ନେୟା ଏଗ୍ରୋ ପ୍ରଡକ୍ଟ ମିଲର ଟାର୍ଗେଟ ସରିଥିବା ବେଳେ ଏବେ କେବଳ ଗଣପତି ରାଇସ ମିଲ, ବଜରଙ୍ଗ ରାଇସ ମିଲ ଓ ବିଜୟ ଲକ୍ଷ୍ମୀ ପେଡି ଏଗ୍ରୋର ଟାର୍ଗେଟ ରହିଛି। ପ୍ରତିଦିନ ମଣ୍ଡିକୁ ୨୫୦୦ ରୁ ୩୦୦୦ କୁଇଣ୍ଟାଲ ଧାନ ଏଣ୍ଟ୍ରି ହେଉଥିବା ବେଳେ ସେହି ମାତ୍ରାରେ ଧାନ କ୍ରୟ ହେଉନାହିଁ। ମିଲଗୁଡିକ ଧାନ କ୍ରୟରେ ମନ୍ଥରତା ଦେଖାଇ ପ୍ରତିଦିନ ୭ ଶହରୁ ୮ ଶହ କୁଇଣ୍ଟାଲ ଧାନ ଉଠାଉ ଥିବାରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠୁନାହିଁ। ଚାଷୀଙ୍କୁ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ମଣ୍ଡିକୁ ଧାନ ଆଣିଥିବା ଚାଷୀ ଅଭିଯୋଗ କରିଛନ୍ତି। ୨ ମିଲର ଟାର୍ଗେଟ ବଢ଼ାଇବା ସହ ଧାନ କିଣାକୁ ସକ୍ରିୟ କରିବାକୁ ଚାଷୀ ଦାବି କରିଛନ୍ତି, ନଚେତ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି କହିଛନ୍ତି। ଏ ନେଇ କୋକସରା ପ୍ୟାକ୍ସ ସମ୍ପାଦକ ନିରଞ୍ଜନ ବାଗଙ୍କୁ ପଚାରିବାରୁ ୨ ମିଲର ଟାର୍ଗେଟ ସରିଯାଇଛି, ଏଣୁ ଚାଷୀଙ୍କ ଧାନ ଉଠିବାରେ ସମସ୍ୟା ଦେଖାଦେଇଛି। ଆମେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ। ଆଗକୁ ଆହୁରି ୨ ମିଲ ବଦଳରେ ୪ ମିଲକୁ ଧାନ କ୍ରୟ ପାଇଁ କୋକସରା ମଣ୍ଡିରେ ଟେଗ କଲେ ଧାନ କ୍ରୟ ପାଇଁ ଅସୁବିଧା ରହିବ ନାହିଁ ବୋଲି କହିଛନ୍ତି।

**କୋକସରା ମଣ୍ଡି**

- ରବିବାର ସୁଦ୍ଧା ୨୩୨୧୭ କୁଇଣ୍ଟାଲ ଧାନ କ୍ରୟ
- ୫ ମିଲ୍‌ରୁ ୨ଟିର ଟାର୍ଗେଟ ଶେଷ
- ଟାର୍ଗେଟ ବଢ଼ାଇବାକୁ ଦାବି

### ଗୋପାଳନ ତାଲିମ ଶିବିର

ତରଭା, ୧୪।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ପ୍ରାଣୀ ଚିକିତ୍ସାଳୟ ପରିସରରେ ଆତ୍ମନିଯୁକ୍ତିଭିତ୍ତିକ ଗୋପାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକର ବିଭିନ୍ନ ଏସ୍‌ଏଚଜି ସଭାପତି, ଦୁଗ୍ଧ ସମବାୟ ସମିତି ସଭ୍ୟାସଭ୍ୟ ଏବଂ ଗୋପାଳନ ପ୍ରତି ଇଚ୍ଛୁକ ୩୦ ଯୁବତୀଯୁବକଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବୀରବର ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅଶେଷ କର, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ହିମାଂଶୁ କୁମାର ମହନ୍ତ, ଡା.ବିଶ୍ୱଭାନୁ ସାମନ୍ତରାୟ, ଡା.ଉଦିତ ନାରାୟଣ ବରିହା, ଡା.ଶୁଭ୍ରକାଂଶୀ ବେହେରା, ତରଭା ଜୀବିକା ମିଶନ ପରିଚାଳକ ମନୋଜ ବାଗ ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇଥିଲେ। ଗୋପାଳନର ବିଭିନ୍ନ ଦିଗ ଓ ପରିପାଳନ ଉପରେ ତାଲିମ ଦିଆଯାଇଥିଲା। ତରଭା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଶ୍ୟାମସୁନ୍ଦର ପାଣ୍ଡେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିପିଆଇ ପକ୍ଷରୁ ବିକ୍ଷୋଭ, ଦାବିପତ୍ର

ଜୁନାଗଡ଼, ୧୪।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବୁଢ଼ୀଦର ପଞ୍ଚାୟତ ତଳଦୁଣ୍ଡା ଓ ଉପର ଦୁଣ୍ଡାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଦାବି ନେଇ ବ୍ଲକ ସମ୍ମୁଖରେ ସୋମବାର ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତଳଦୁଣ୍ଡା ଓ ଉପର ଦୁଣ୍ଡାର ଗ୍ରାମକୁ ୨୦୧୪ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୫ ଅଗଷ୍ଟରେ କାର୍ଯ୍ୟ ଶେଷ ହୋଇଛି ବୋଲି ସୂଚନା ବୋର୍ଡରେ ଉଲ୍ଲେଖ ଅଛି। ବାସ୍ତବରେ ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଦୀର୍ଘ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ସାଧାରଣ ଲୋକେ ଯିବାଆସିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦୁର୍ଗମ ଅଞ୍ଚଳରେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ମଧ ଯାଇପାରୁନାହିଁ। ଫଳରେ ରୋଗୀଙ୍କୁ ନେବାରେ ଅସୁବିଧା ହେଉଛି। ତୁରନ୍ତ





ସିପିଆଇ ପକ୍ଷରୁ ଶୋଭାଯାତ୍ରାରେ ବ୍ଲକ ଅଫିସକୁ ଯାଉଛନ୍ତି।

ଏହି ସମସ୍ୟାର ସମାଧାନ ନ କଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସିପିଆଇ ପକ୍ଷରୁ ଜୁନାଗଡ଼ ବ୍ଲକ ସମ୍ମୁଖରେ ନାରାବାଜି କରିଥିଲେ। ବୁଢ଼ୀପଦରଠାରୁ ଉପର ଦୁଣ୍ଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ନିର୍ମାଣ କରିବା, ପାନୀୟଜଳ ସୁବ୍ୟବସ୍ଥା କରିବା ନିମନ୍ତେ ୫ଟି ନଳକୂପ ଖନନ, ଛତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ନୂତନ ସ୍କୁଲ ଗୃହ ନିର୍ମାଣ, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁଣ୍ଡାବାସୀଙ୍କୁ ୨୦୦ ଦିନର କାମ ଯୋଗାଇଦେବା, ଆଧାରକାର୍ଡ ସଂଶୋଧନ କରି ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା, ଗ୍ରାମର ଗୃହହୀନ ପରିବାରରକୁ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମୋ କୁଡିଆ ଯୋଜନାରେ ଅନ୍ତର୍ଭୁକ୍ତ କରି ଘର ଯୋଗାଇଦେବା ୬ ଦଫା ଦାବି ନେଇ କଳାହାଣ୍ଡି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୁନାଗଡ଼ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ସିପିଆଇର ଦାମୋଦର ବେହେରା, ଅକ୍ଷୟ କୁମାର ମେହେର, ସୁରେନ୍ଦ୍ର ମାଝି, ବିନତା ମାଝି, ଅଗଷ୍ଟ ନାଏକ, ସଞ୍ଜୟ ସୁନାନୀ, ମସ୍ତକ ସୁନାନୀ, ଜଗଦୀଶ ଦୁର୍ଗା, ଅହଲ୍ୟା ଛତ୍ରିଆ, ବନିତା ମାଝି, ଚନ୍ଦ୍ର ଛତ୍ରୀଆଙ୍କ ସମେତ ତଳଦୁଣ୍ଡା ଓ ଉପରଦୁଣ୍ଡା ଗ୍ରାମବାସୀ ଉପସ୍ଥିତ ଥିଲେ।

### ଟୋକନ ସମସ୍ୟା: ସରଗାଡ ପ୍ୟାକ୍ସରେ ଚାଷୀ ଅଶାନ୍ତି

ଲୋଇସିଂହା,୧୪।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ପ୍ୟାକ୍ସରେ ଟୋକନ ଅନିୟମିତତାକୁ ନେଇ ଚାଷୀ ଅଶାନ୍ତି ଦେଖାଦେଇଛି। ଫଳରେ ଧାନକିଣା ବାଧାପ୍ରାପ୍ତ ହୋଇଛି। ଧାନକିଣା ସ୍ୱାଭାବିକ କରିବା ପାଇଁ କେନ୍ଦ୍ର ସମବାୟ ବ୍ୟାଙ୍କର ସବ୍‌ରେଜିଷ୍ଟ୍ରାର ଗୋବିନ୍ଦ ନାଗ ସରଗାଡ ଗସ୍ତକରି ଚାଷୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଥିଲା। ହେଲେ ଚାଷୀମାନେ ଅନିୟମିତତା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ରହିବାରୁ ଆଲୋଚନା ହୋଇପାରି ନ ଥିଲା। ସୂଚନା ଅନୁଯାୟୀ, ଗତ ୭ ତାରିଖ ସରଗାଡ ପ୍ୟାକ୍ସ ଅଧୀନ ଚାଷୀମାନେ ଟୋକନ ଅନିୟମିତତାକୁ ନେଇ ଡିଆରସିଏସଙ୍କୁ ଲିଖିତ ଫେରାଦ ହୋଇଥିଲେ। ଅଭିଯୋଗ ଥିଲା ୨୦୨୦-୨୦୨୧ ବର୍ଷ ଧାନବିକ୍ରି ଲାଗି ଚାଷୀମାନେ ପ୍ୟାକ୍ସରେ ପଞ୍ଜୀକୃତ ହୋଇଥିଲେ। ତେବେ ଯୋଉଁ ଚାଷୀମାନେ ପଛରେ ପଞ୍ଜୀକୃତ କରିଥିଲେ ସେମାନଙ୍କ ନାମରେ ଆଗୁଆ ଟୋକନ ଆସିଛି ଓ ସେମାନେ ଧାନବିକ୍ରି କରିଥିଲେ । ଏହି ଅନିୟମିତତାରେ ପ୍ୟାକ୍ସ ସମ୍ପାଦକ ଓ କର୍ମଚାରୀ ସମ୍ପୃକ୍ତି ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏଥିସହ ପ୍ୟାକ୍ସରେ ଧାନକିଣା ବନ୍ଦ କରିଥିଲେ । ସୋମବାର ଅପରାହ୍ନରେ ସବରେଜିଷ୍ଟ୍ରାର ନାଗ ପ୍ୟାକ୍ସକୁ ଆସି ସମ୍ପାଦକ ଶତ୍ରୁଘ୍ନ ଦାସଙ୍କୁ ନେଇ କିଶୋର ପଟେଲ, ଅର୍ଜୁନ ବାରିକ, ଜିତୁ ସାହୁ, ସୁମନ୍ତ ସାଇ ପଟେଲ, ଗଣ୍ଡାରାମସାଇ ପଟେଲ, ଜୟନ୍ତ ସାଇ ପଟେଲ, ଆନନ୍ଦ ପଟେଲ ପ୍ରମୁଖ ଚାଷୀ ସହ ଆଲୋଚନା କରିଥିଲେ । ହେଲେ ଚାଷୀମାନେ ଟୋକନ ଅନିୟମିତତାର ଲିଷ୍ଟ ମାଗିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଡି ବସିବାରୁ ଆଲୋଚନା ବିଫଳ ହୋଇଥିଲା। ଏସଆରସିଏସ ଗୋବିନ୍ଦ ନାଗ କହିନ୍ତନ୍ତି ଯେ, ଚାଷୀଙ୍କୁ ବୁଝାଇଲେ ମଧ ସେମାନେ ଶୁଣି ନ ଥିଲେ ବୋଲି କହିଛନ୍ତି।

## ଦାବି ଜଣାଇଲା ମହାସଂଘ

**ଧନୁଯାତ୍ରା କଳାକାରଙ୍କୁ ଆର୍ଥିକ ସହାୟତା ପାଇଁ**

ବରଗଡ଼ ଅଫିସ,୧୪।୧୨

କରୋନା କଟକଣା ଯୋଗୁ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଏଥର ବାତିଲ କରି ଦିଆଯାଇଛି। ଏହା ବରଗଡ଼ (ମଥୁରାନଗରୀ), ଅମ୍ବାପାଲି (ଗୋପପୁର)ବାସୀଙ୍କୁ ବ୍ୟଥିତ କରିଥିବା ବେଳେ ଧନୁଯାତ୍ରା କଳାକାରଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଏଭଳି ସ୍ଥିତିରେ ପୂର୍ବବର୍ଷ ଆଧାରରେ ଧନୁଯାତ୍ରା କଳାକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସୋମବାର ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଧନୁଯାତ୍ରା କଳାକାର ସମନ୍ୱୟ କମିଟିର ଆବାହକ ତଥା ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ବିଧାୟକ ଆଚାର୍ଯ୍ୟ ସ୍ମାରକପତ୍ର ପାଇବା ପରେ ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଜଣାଇଛନ୍ତି। ମହାସଂଘ ସଭାପତି ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଉପସଭାପତି ତଥା କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ଖଗେଶ୍ୱର ସାହୁ, ଅନିରୁଦ୍ଧ ପାଇକ, ରାଜେଶ ବାରିକ, ପ୍ରମୋଦ ଦାଶ, ପଞ୍ଚାନନ ମହାପାତ୍ର, ଜିତେନ୍ଦ୍ରୀୟ ସାହୁ, ଯୁଧିଷ୍ଠିର ସାଗର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ବରଗଡ଼ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

### ରାସ୍ତା ଶୋଚନୀୟ, ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ

ଲାଠୋର, ୧୪।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ କରୁଆଝର ପଞ୍ଚାୟତ ଅନ୍ତର୍ଗତ ମସିଣା ରାସ୍ତା ଶୋଚନୀୟ ହୋଇ ପଡିଛି। ଏଥିଯୋଗୁ ଯିବା ଆସିବାରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତିନୱାର୍ଡ ବିଶିଷ୍ଟ ଏହି ଗାଁକୁ ଗୋଟିଏ ମାତ୍ର ରାସ୍ତା ରହିଛି। ମୁଖ୍ୟ ରାସ୍ତାରେ ସାମିଲ ହେବା ପାଇଁ ଗ୍ରାମଠାରୁ ବଲାଙ୍ଗୀର ନୂଆପଡ଼ା ମୁଖ୍ୟ ରାସ୍ତାର ଦୂରତା ୩ କିମି। ହେଲେ ଏହି ୩ କିମି ରାସ୍ତାର ବହୁ ସ୍ଥାନରେ ପିଚୁ ଉଠି ଛୋଟ ବଡ ଖାଲମାନ ସୃଷ୍ଟି ହୋଇଛି। ଦୀର୍ଘବର୍ଷରୁ ନିମାଣ ହୋଇଥିବା ଏହି ରାସ୍ତାର ମରାମତି କରାଯାଉନି କିମ୍ବା ନବୀକରଣ ହେଉନାହିଁ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମଣ୍ଡି ବୁଲିଲେ ଭାଜପା ରାଜ୍ୟ ସଭାପତି

ବରଗଡ଼ ଅଫିସ/ ଅତାବିରା,୧୪।୧୨(ଡି.ଏନ.ଏ)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୋମବାର ବରଗଡ଼ ଜିଲା ଗସ୍ତରେ ଆସି ଅତାବିରା ବ୍ଲକ ଗୋଡ଼ଭଗା ଏବଂ ଲହଣ୍ଡା ମଣ୍ଡି ପରିଦର୍ଶନ କରିଛନ୍ତି। ସେଠାରେ ମଣ୍ଡି ଭିତ୍ତିଭୂମି ଠିକ୍ ନ ଥିବା ଏବଂ ବହୁ ପରିମାଣର ଧାନ ପଡ଼ି ରହିଥିବା ଦେଖି ସେ କ୍ଷୋଭ ପ୍ରକାଶ କରିଥିଲେ। ଟୋକନ ଧରି ଧାନ ବିକିବାକୁ ଚାଷୀ ବସିଥିବାବେଳେ ମଣ୍ଡିରେ ଏହା ହୋଇ ନ ପାରିବା ଯନ୍ତ୍ରଣାଦାୟକ ବୋଲି ମହାନ୍ତି କହିଥିଲେ। କଟନୀଛଟନୀ ନ



ଗୋଡ଼ଭଗା ମଣ୍ଡିରେ ଭାଜପା ରାଜ୍ୟ ସଭାପତି ଏବଂ ଦଳର ଅନ୍ୟ କାର୍ଯ୍ୟକର୍ତ୍ତା।

କରି ଚାଷୀ ବିକ୍ରିଧାନର ଉଚିତ୍ ମୂଲ୍ୟ ଯେଭଳି ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ସେ ମଣ୍ଡି କର୍ମଚାରୀଙ୍କୁ କହିଥିଲେ। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ନାଉରୀ ନାଏକ, ଟଙ୍କଧର ତ୍ରିପାଠୀ, ସୁରେଶ୍ୱର ଶତପଥୀ, ଚିତ୍ତରଞ୍ଜନ ଭୋଇ, ମିଳନ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।

## କର୍ଲାମୁଣ୍ଡା ଉଦ୍ୟାନ ବିଭାଗ ଫଳ ବଗିଚା ମଦୁଆଙ୍କ ଆଡ୍ଡାସ୍ଥଳି

କର୍ଲାମୁଣ୍ଡା, ୧୪।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ.ମାଲପଡାରେ ଥିବା ଏକମାତ୍ର ସରକାରୀ ଉଦ୍ୟାନ ବିଭାଗ ଫଳ ବଗିଚା ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ୧୯୯୫ରେ ୫ ଏକର ପଡିଆରେ ଉଦ୍ୟାନ ବିଭାଗ ପକ୍ଷରୁ ଫଳ ବଗିଚା କରାଯାଇଥିଲା। ରକ୍ଷଣାବେକ୍ଷଣା ଅଭାବରୁ ଏହା ଏବେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଗତ ମେ ମାସରେ ଫଳ ବଗିଚା ଭିତରୁ ପମ୍ପସେଟ୍ ଚୋରି କରିବା ସହ ଚାରା ଉତ୍ପାଦନ ଗୃହକୁ ପୋଡି ଦେଇଥିଲେ। ଏହା ବ୍ୟତୀତ ବଗିଚା ଭିତରେ ଲକ୍ଷାଧିକ ଟଙ୍କା ବିନିମୟରେ ସରକାରୀ ଉଦ୍ୟାନ ଅଧିକାରୀଙ୍କ କାର୍ଯ୍ୟାଳୟ ଥିଲେହେଁ ସେଠାରେ କେହି ରହୁ ନ ଥିବାର ତାହା ଏବେ ଭୁତକୋଠି ପାଲଟିଛି। ଏହି ବ୍ଲକରେ ଜଣେ ଓଭରସିୟର, ଜଣେ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ରହିଛନ୍ତି। ଏହି କର୍ମଚାରୀ ଦ୍ୱୟ ଅନ୍ୟତ୍ର ଭଡାରେ ରହୁଥିବାରୁ ଉଦ୍ୟାନ ବଗିଚାର ତଦାରକ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଉଦ୍ୟାନ ବିଭାଗ ଓଭରସିୟର ବନ ଦୁର୍ଗା ହରିଜନଙ୍କୁ ପଚାରିବାରୁ ଅନୁଦାନ ତ ନାହିଁ ଅନୁଦାନ ଆସିଲେ ବଗିଚାର ରକ୍ଷଣାବେକ୍ଷଣା ହୋଇପାରନ୍ତା ବୋଲି ଜବାବ୍ ଦେଇଥିଲେ। ବିଭାଗୀୟ ଜିଲା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ମ୍ୟୁନିସିପାଲିଟିର ଜବରଦଖଲ ଉଚ୍ଛେଦ ଅଭିଯାନ

ବଲାଙ୍ଗୀର ଅଫିସ, ୧୪।୧୨

- ମାଡ଼ି ଆସୁଛନ୍ତି ଦୋକାନୀ, ସରକାରୀ ଜମି ଚିହ୍ନଟ ହେଉନାହିଁ
- ଉଚ୍ଛେଦ କାର୍ଯ୍ୟରେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା
- ସରକାରୀ ଜମି ସୁରକ୍ଷା ପାଇଁ ପ୍ରଶାସନ ଲଗାଇବ ବୋର୍ଡ

ବଲାଙ୍ଗୀର ସହର ମୁଖ୍ୟ ରାସ୍ତାକଡ ସରକାରୀ ଜମି ଜବରଦଖଲ କରି ଅନେକ ବ୍ୟକ୍ତି ଦୋକାନ କରିଛନ୍ତି। ଆଉ କେତେକ ଖାଲି ପଡିଥିବା ଜମିକୁ ନିଜ ଅଧିନରେ ରହିଛି କହି ଉଠାଦୋକାନୀଙ୍କୁ ଭଡାରେ ଲଗାଇ ଭଡା ଅସୁଲ କରୁଛନ୍ତି। ରାସ୍ତା ପ୍ରଶସ୍ତିକରଣ ହେଲେ ମ୍ୟୁନିସିପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଏ। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଏ। ମାତ୍ର କିଛିଦିନ ପରେ ଦୋକାନୀମାନେ ପୁଣି ଥରେ ସେହି ରାସ୍ତା ଉପରକୁ ଆସି ଦୋକାନ ଘର ତିଆରି କରୁଛନ୍ତି। ମ୍ୟୁନିସିପାଲିଟି ପୁଣି ସେହି ସ୍ଥାନମାନଙ୍କରେ ଜବରଦଖଲ ଉଚ୍ଛେଦ କରୁଛି। ଏଭଳି ଭାବେ ଦୋକାନୀଙ୍କ ଜବରଦଖଲ ଓ ମ୍ୟୁନିସିପାଲିଟିର ଉଚ୍ଛେଦ ଅଭିଯାନ ନିରନ୍ତର ଚାଲି ଆସିଛି।

ବଲାଙ୍ଗୀର-ସଇଁତଲା ୨୬ ନମ୍ବର ଜାତୀୟ ରାଜପଥର ସରକାରୀ ମହିଳା ମହାବିଦ୍ୟାଳୟ ଛକ ଓ ପ୍ୟାଲେସଲାଇନ୍ ମଧ୍ୟରେ ରାସ୍ତକଡ ଜବରଦଖଲକୁ



ବଲାଙ୍ଗୀର ପ୍ୟାଲେସଲାଇନ୍ ଛକରେ ମ୍ୟୁନିସିପାଲିଟି ପକ୍ଷରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଉଛି ।

ସୋମବାର ଉଚ୍ଛେଦ କରାଯାଇଥିଲା। ମ୍ୟୁନିସିପାଲିଟି ଅଧିକାରୀଭାବେ କାର୍ଯ୍ୟରତ ଆଇଏଏସ୍ ପ୍ରୋବେସନର୍ସ ମନୋଜ ମହାଜନ, ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ଅଭିଯାନ କରାଯାଇଥିଲା। ରାସ୍ତା ଉପରକୁ ମାଡି ଆସିଥିବା ଦୋକାନ ଗୃହକୁ ଭଙ୍ଗାଯାଇଥିଲା। ସହର ଭିତରେ ଟ୍ରାଫିକ୍ ସମସ୍ୟା କମାଇବା ଓ ଯାତ୍ରୀମାନଙ୍କ ସହଜ ଯାତାୟାତ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ରାସ୍ତାକଡ ଉଠାଦୋକାନୀଙ୍କ ପାଇଁ ସହରର ତିନୋଟି ସ୍ଥାନରେ ଭେଣ୍ଡିଂ ଜୋନ୍ କରାଯାଇ ଉଠାଦୋକାନୀଙ୍କୁ ସେଠାରେ ଥଇଥାନ କରାଯିବାକୁ କୁହାଯାଇଛି। ତେବେ ଦୋକାନୀମାନେ ରାସ୍ତାକଡ ଛାଡି ଅନ୍ୟ ସ୍ଥାନକୁ ଗଲେ ବେପାର ମାନ୍ଦା ହେବ ବୋଲି କହୁଛନ୍ତି। ପ୍ରଶାସନ ବାରମ୍ବାର ଉଚ୍ଛେଦ କାର୍ଯ୍ୟ କରି ଖର୍ଚ୍ଚାନ୍ତ ହେଉଥିଲେ ମଧ ଏହାର ଚୁଡାନ୍ତ ନିଦାନ ବାହାରୁନାହିଁ। ଏନେଇ ଆଇଏଏସ୍ ଅଧିକାରୀ ମହାଜନଙ୍କୁ ପ୍ରଶ୍ନ କରିବାରୁ ଯେଉଁ ଜାଗାରୁ ଉଚ୍ଛେଦ କରାଯିବ ଆଗକୁ ସେହି ଜାଗାରେ ମ୍ୟୁନିସିପାଲିଟି ପକ୍ଷରୁ ନୋ ଭେଣ୍ଡିଂ ଜୋନ୍ ଏବଂ ମ୍ୟୁନିସିପାଲିଟି ସମ୍ପତି ବୋଲି ବୋର୍ଡ ଲଗାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି କହିଛନ୍ତି। ଏହାଦ୍ୱାରା ଜବରଦଖଲ ସମସ୍ୟା ହେବନାହିଁ ବୋଲି ସେ କହିଛନ୍ତି। ସହରର ସରକାରୀ ଜମିଗୁଡିକରେ ମ୍ୟୁନିସିପାଲିଟି ପକ୍ଷରୁ ଏଭଳି ସାଇନ୍‌ବୋର୍ଡ ଲଗାଯାଇ ଲୋକଙ୍କୁ ସଚେତନ କରାଯିବା ସହ ସରକାରୀ ଜମିର ସୁରକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୫ ଡିସେମ୍ବର, ୨୦୨୦

**ରାଜ୍ୟରେ ୧,୮୧୧ କରୋନା ମୃତ୍ୟୁ**

**ଭୁବନେଶ୍ୱର, (ବ୍ୟୁରୋ):** ରାଜ୍ୟରେ ଗତ ୨୪ଘଣ୍ଟାରେ ଆଉ ୪ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ଜଗତ୍‌ସିଂହପୁର, ଗଞ୍ଜାମ ଓ ଢେଙ୍କାନାଳରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୧୧ରେ ପହଞ୍ଚିଛି। ସେପଟେ ଆଉ ୩୩୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୫୧ଜଣ ରହିଛନ୍ତି। ଏହାକୁ ମିଶାଇ ସଂକ୍ରମିତ ସଂଖ୍ୟା ୩,୨୪,୦୮୯କୁ ବୃଦ୍ଧି ପାଇଛି। ସୋମବାର ଆଉ ୩୮୯ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୧୯,୪୫୮ରେ ପହଞ୍ଚିଛି।



## ସଂକ୍ଷେପରେ

### ମଣ୍ଡି ବୁଲିଲେ, ଧାନବିକ୍ରି ସମସ୍ୟା ବୁଝିଲେ ଅଧିକାରୀ

ଦେଓଗାଁ,୧୪।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଦେଓଗାଁ ଓ କୁତୁର୍ଲା କୃଷିସେବା ସମବାୟ ସମିତିକୁ ସୋମବାର ଏଆରସିଏସ ଅନନ୍ତ କୁମାର ନାୟକ, ଡିଆରସିଏସ ପ୍ରଶାନ୍ତ କୁମାର ମହାନ୍ତି ପରିଦର୍ଶନ କରିଥିଲେ। ଦେଓଗାଁ ପ୍ୟାକ୍ସରେ ଟୋକନ ବ୍ୟବସ୍ଥାର ତଦାରଖ ସହ ଧାନ କ୍ରୟଉପରେ ଅବଗତ ହୋଇଥିଲେ। ଏହି ଦିନ ସମ୍ପାଦକ ଛୁଟିରେ ଥିବା ଓ କାର୍ଯ୍ୟାଳୟରେ କୌଣସି ତଥ୍ୟର ରେଜିଷ୍ଟର ମେଣ୍ଟେନାନ୍ସ ହେଉ ନ ଥିବାରୁ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପରେ କୁତୁର୍ଲା ପ୍ୟାକ୍ସକୁ ଯାଇ ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। ବାହାରୁ ଧାନ ଆସି କୁତୁର୍ଲା ପ୍ୟାକ୍ସରେ ଫଲ୍ସ ଏଣ୍ଟ୍ରି ହେଉଛି ବୋଲି କେତେକ ଚାଷୀ ଅଭିଯୋଗ କରିଥିଲେ। ଡିଆରସିଏସ ମହାନ୍ତିଙ୍କୁ ପଚାରିବାରୁ ଅଭିଯୋଗ ପାଇ ତଦନ୍ତରେ ଆସିଥିଲୁ। ଆଗକୁ ଯେମିତି ସମସ୍ୟା ନ ହୁଏ ପ୍ୟାକ୍ସ ସମ୍ପାଦକଙ୍କୁ ତାଗିଦ କରିଛୁ ବୋଲି କହିଥିଲେ ।

### ଆଦିବାସୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖପ୍ରାଖୋଲ, ୧୪।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଅଷ୍ଟମ ଆଦିବାସୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚ୍ ପତ୍ରାପାଲି ଏବଂ ବାଲିପଟା ମଧ୍ୟରେ ହୋଇଥିଲା। ପତ୍ରାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୦୫ ରନ୍ ସଂଗ୍ରହ କରିଥିଲା । ଜବାବରେ ବାଲିପଟା ୧୦୨ ରନ୍ ସଂଗ୍ରହ କରି ପାରିଥିଲ । ଫଳରେ ପତ୍ରାପାଲି ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ସିନେ ନିର୍ଦ୍ଦେଶକ ଲମ୍ବୋଦର ଟାକରି, ଲକ୍ଷ୍ମୀ ଶବର, ନନ୍ଦ ପୁଟେଲ, ସଦାନନ୍ଦ ହଂସ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ୍ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

### ଜଗନ୍ନାଥ ମନ୍ଦିର ବିବାଦ ଘଟଣା ସମାଧାନ ପାଇଁ ଶାନ୍ତି ସଭା

ଅତାବିରା, ୧୪।୧୨ (ଡି.ଏନ.ଏ):
ବରଗଡ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ଜମି ବିବାଦ ବଢ଼ି ଚାଲିଛି । ଏହି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ମଧ ହୋଇଥିଲା। ତେବେ ଗାଁରେ ଶାନ୍ତି ଆଣିବା ପାଇଁ ସୋମବାର ରୁଷୁଡା ଫାଣ୍ଡି ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସବ୍‌କଲେକ୍ଟର ପ୍ରଭାସ କୁମାର ଡନସନା, ଏସ୍‌ଡିପିଓ ଦୀପକ କୁମାର ଗୋଚ୍ଛାୟତ, ଭେଡେନ ତହସିଲଦାର ଅନିଲ ହୋତା, ସହକାରୀ ତହସିଲଦାର ନାରାୟଣ ଡନସନା, ଆଇଆଇସି ହେମନ୍ତ ରାଓ, ଫାଣ୍ଡି ଅଧିକାରୀ ଗଣେଷ କଲେତ, ଦେଶଭଟିଲି ସରପଞ୍ଚ ପ୍ରତିନିଧି ତୁଷବନ୍ତ ସାହୁ, ଗ୍ରାମବାସୀ ସୁଦାମ ମହାକୁର, ୱାର୍ଡ ମେମ୍ବର ଶୁକ୍ରୁ ସେଟ ଯୋଗ ଦେଇଥିଲେ। ଅରୁଣ ପାତ୍ର ଓ ପରୀକ୍ଷିତ ପୁରୋହିତଙ୍କ ପରିବାର ମଧ ଉପସ୍ଥିତ ଥିଲେ ।

### ଶିଶୁ ସୁରକ୍ଷା କମିଟି ଗଠିତ

ଦେଓଗାଁ,୧୪।୧୨(ଡି.ଏନ.ଏ)
ଦେଓଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି। ସୋମବାର ବନ୍ଧପଡା ଓ ବ୍ରାହ୍ମଣୀ ଯୋର ପଞ୍ଚାୟତରେ କମିଟି ଗଠନ କରାଯାଇଥିଲା। ବନ୍ଧପଡା ପଞ୍ଚାୟତରେ ସରପଞ୍ଚ କୁମୁଦିନୀ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଙ୍ଗନୱାଡି କର୍ମୀ ନିରୁପମା ମିଶ୍ର, ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପେନ୍ଦ୍ର ମେହେର, ଶିକ୍ଷକ ଗିରିଶ କୁମାର ମିଶ୍ର, ଏଏନଏମ ସୁଜନ୍ତି ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନ, ହାଇସ୍କୁଲ ପ୍ରଧାନଶିକ୍ଷକ ଭକ୍ତ ଚରଣ ଦାଶ, ଜିଲା ଶିଶୁ ସୁରକ୍ଷା ୟୁନିଟରୁ ଶେଷଦେବ ମାହାକୁର ଉପସ୍ଥିତ ରହି ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଗୋଷ୍ଠୀସ୍ତରରେ ବାଲ୍ୟ ବିବାହ ନ କରାଇବା ଦିଗରେ ସଚେତନ କରିବା, ପାଠପଢ଼ା ଅଧାରୁ ବନ୍ଦ ନକରିବା, ଅଧାରୁ ପଢା ଛାଡିଥିବା କିଶୋରୀ କିଶୋରଙ୍କୁ ବୈଷୟିକ ତଥା ଧନ୍ଦାମୂଳକ ତାଲିମ ପ୍ରଦାନ, ଅଙ୍ଗନୱାଡିରେ ୩ରୁ ୬ବର୍ଷ ବୟସର ଶିଶୁଙ୍କୁ ଶିକ୍ଷାଦାନ ଉପରେ ଅଭିଭାବକଙ୍କୁ ପ୍ରୋତ୍ସାହିତ କରିବା, ବେସାହାରା ଶିଶୁଙ୍କ ଥଇଥାନ ପାଇଁ ପଦକ୍ଷେପ ନେବାକୁ ଶପଥ ପାଠ କରାଯାଇଥିଲା।

# ସ୍ୱାଭିମାନ ଅଞ୍ଚଳ ହେବ ମାଓବାଦୀମୁକ୍ତ

**ବିକାଶ କାର୍ଯ୍ୟରେ ସାଲିସ କରାଯିବ ନାହିଁ: ଡିଜିପି**

- କୋରାପୁଟ ପୋଲିସକୁ ପ୍ରଶଂସା କଲେ
- ଛତିଶଗଡ଼ୀ ମାଓବାଦୀଙ୍କୁ ସାବାଡ଼୍ ପାଇଁ ଆଲୋଚନା

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)/ ମାଲକାନଗିରି (ଡି.ଏନ୍.ଏ.)

ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କୁ ସମୂଳେ ନିପାତ କରାଯିବ। ପୂରା ଅଞ୍ଚଳକୁ ମାଓବାଦୀଙ୍କ କବଳରୁ ମୁକ୍ତ କରାଯିବ। ଏଠାରେ ବିକାଶମୂଳକ କାର୍ଯ୍ୟରେ କୌଣସି ସାଲିସ କରାଯିବ ନାହିଁ। ପୋଲିସ ଡିଜି ଅଭୟ ସୋମବାର ସ୍ୱାଭିମାନ ଅଞ୍ଚଳ ଗସ୍ତରୁ ଫେରିବା ପରେ ସୋମବାର ଖବରଦାତା ସମ୍ମିଳନୀରେ ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ରବିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏହି ଏନ୍‌କାଉଣ୍ଟର ପରେ ଯବାନଙ୍କ ମନୋବଳ ବଢାଇବା ନିମନ୍ତେ ଡିଜିପି ବିଏସ୍‌ଏଫ୍‌ର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ପହଞ୍ଚିଥିଲେ। ତାଙ୍କ ସହ ଗୋଇନ୍ଦା ନିର୍ଦ୍ଦେଶକ ଆର୍.କେ. ଶର୍ମା ଓ ଆଇଜି ଅପରେଶନ ଅମିତାଭ ଠାକୁର ମଧ ଯାଇଥିଲେ। ଡିଜିପି ଅଭୟ ଉକ୍ତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ସମୟରେ ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଓଜି ଆଇଜି ଅନିରୁଦ୍ଧ ସିଂ, ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରିଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ସମୟରେ ପୋଲିସ ହିଂସା ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ ଦେଇଥିଲେ। ଆତ୍ମସମର୍ପଣ କଲେ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯିବ। ସେମାନେ ନିଜକୁ ସମାଜରେ ଜଣେ ସୁନାଗରିକ ଭାବେ ଗଢି ତୋଳିପାରିବେ। ପଡୋଶୀ ରାଜ୍ୟର କିଛି ଅଗଣତାନ୍ତ୍ରିକ ତତ୍ତ୍ୱ ଉକ୍ତ ଅଞ୍ଚଳକୁ ଆସି ନିରୀହ ଆଦିବାସୀଙ୍କୁ ପଥଭ୍ରଷ୍ଟ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚାଲିଥିବା ବିକାଶକୁ ଲାଲବାହିନୀ ବିରୋଧ କରୁଛି। ମାଓବାଦୀମାନେ ଯେ ବିକାଶ ବିରୋଧୀ ଏହା ଗ୍ରାମବାସୀ ଜାଣି ସାରିଲେଣି। ଏହିସବୁ ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଯବାନମାନେ ସୁରକ୍ଷା ଯୋଗାଇ ଦେଉଛନ୍ତି। ବିକାଶ କାର୍ଯ୍ୟରେ ସାଲିସ କରାଯିବ ନାହିଁ। ବିଶେଷକରି ରାସ୍ତା, ବିଦ୍ୟାଳୟ ନିର୍ମାଣ, ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ଦିଗରେ ଆଗାମୀ ଦିନରେ କାର୍ଯ୍ୟ ଜାରି ରହିବ ବୋଲି ଡିଜିପି କହିଛନ୍ତି।

ପରେ ଅଭୟ ସେଠାରୁ କୋରାପୁଟ ଜିଲା ଗସ୍ତରେ ଯାଇଥିଲେ। କୋରାପୁଟରେ ମାଓବାଦୀ ସହ ଗଞ୍ଜେଇ ଚାଷ ପୋଲିସର ମୁଣ୍ଡ ବିନ୍ଧା ସାଜିଥିବା ନେଇ ଡିଜିପି ଅଭୟ କହିଥିଲେ। ତେବେ ୨୦୧୯ରେ ଜିଲାରେ ୬୧୮ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଗତବର୍ଷଠାରୁ ୨ ଗୁଣା ଅର୍ଥାତ୍ ୧୨୯୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏହା ପୋଲିସ ପାଇଁ ବଡ଼ ସଫଳତା ବୋଲି ଅଭୟ ପ୍ରକାଶ କରିବା ସହ କୋରାପୁଟ ପୋଲିସକୁ ପ୍ରଶଂସା କରିଥିଲେ। ଶେଷରେ ଅଭୟ ଟ୍ରାଇଜଙ୍କସନ ଗସ୍ତ କରିଥିଲେ। ଉକ୍ତ ଅଞ୍ଚଳରେ ଛତିଶଗଡି ମାଓବାଦୀଙ୍କ ଗତିବିଧି ବଢୁଥିବାରୁ ସେ ଚିନ୍ତା ପ୍ରକଟ କରିବା ସହ ଏହାର ସମାଧାନ ନିମନ୍ତେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।


ସ୍ୱାଭିମାନ ଅଞ୍ଚଳରେ ଡିଜପ ଅଭୟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ସାଇବର କ୍ରାଇମ ପ୍ରଶିକ୍ଷଣ ଶିବିର


ସାଇବର କ୍ରାଇମ ରୋକାଯିବା ନେଇ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅଧିକାରୀ।

ରାଉରକେଲା ଅଫିସ,୧୪।୧୨

ସାଇବର କ୍ରାଇମ ରୋକାଯିବା ନେଇ ସୋମବାର ଠାରୁ ରାଉରକେଲାରେ ୫ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯାଇଛି। ଡିଏସ୍‌ପି, ଇନ୍ସପେକ୍ଟର, ସବଇନ୍ସପେକ୍ଟର ର୍ୟାଙ୍କର ୩୦ଜଣ ପୋଲିସ ଅଧିକାରୀଙ୍କୁ ଏ ଦିଗରେ ତାଲିମ ପ୍ରଦାନ କରାଯିବ। ସ୍ଥାନୀୟ ଏସକେଡିଏଭି ପଲିଟେକନିକ ଠାରେ ଶିବିର ଉଦଘାଟିତ ହୋଇଯାଇଛି। ଏହା ୫ ଦିନ ଧରି ଚାଲିବ। ଏଥିରେ ସୁନ୍ଦରଗଡ, ଦେବଗଡ ଓ କେନ୍ଦୁଝର ଜିଲା ପୋଲିସ ଅଧିକାରୀ ଯୋଗ ଦେଇଛନ୍ତି। ହାଇଦ୍ରାବାଦରୁ ଆସିଥିବା ସାଇବର ପ୍ରଶିକ୍ଷକ ଏମାନଙ୍କୁ ତାଲିମ ପ୍ରଦାନ କରିବେ। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଓ ରାଉରକେଲା ଏସ.ପି କେ. ଶିବା ସୁବ୍ରମଣୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ସାଇବର କ୍ରାଇମ ସଂଖ୍ୟା ବୃଦ୍ଧି ସହ ଅପରାଧିଙ୍କ ଟେର ପାଉନି ପୋଲିସ। ଏମାନଙ୍କୁ ଧରି ଦଣ୍ଡ ବିଧାନ କରିବା ବଡ ସମସ୍ୟା ପାଲଟିଛି। ଫଳରେ ଦିନକୁ ଦିନ ଏଭଳି ଠକେଇ ବଢିବାରେ ଲାଗିଛି। ଅପରାଧି ନିଜ ଢଙ୍ଗରେ ଅପରାଧ ଘଟାଇ ଖସିଯାଉଛି। ଏ ଦିଗରେ ତାଲିମ ପ୍ରାପ୍ତ ଅଧିକାରୀ ସାଇବର କ୍ରାଇମ ଭଳି କ୍ରମବର୍ଦ୍ଧିଷ୍ଣୁ ଅପରାଧ ରୋକିବାରେ ସମର୍ଥ ହେବେ ବୋଲି ଆଶା ବ୍ୟକ୍ତ କରାଯାଉଛି।

# ମହିଳାଙ୍କ ଉପରକୁ ଗୁଳିମାଡ଼

ସୁନ୍ଦରଗଡ଼/ବେଦବ୍ୟାସ (ଡି.ଏନ୍.ଏ)/ ରାଉରକେଲା ଅଫିସ୍ ୧୪।୧୨

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସିଂଘଟୋଲାଠାରେ ସୋମବାର ରାତି ସାଢେ ୮ଟାରେ ମହିଳାଙ୍କ ଉପରକୁ ଗୁଳିମାଡ଼ ହୋଇଛି। ପୁଅ ସହ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କ ଉପରକୁ ଅନ୍ୟ ଏକ ବାଇକ୍‌ରେ ଆସି ୩ଜଣ ଦୁର୍ବୃତ୍ତ ଗୁଳିଚାଳନା କରି ଫେରାର୍ ହୋଇଯାଇଥିଲେ। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଇସ୍ପାତ ଜେନେରାଲ ହସ୍‌ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଉପରକୁ ଗୁଳିଚାଳନା କରିବାର କାରଣ ଜଣାପଡିନାହିଁ। ମହିଳାଙ୍କ ନାମ ଠିକଣା ଜଣାପଡ଼ିନାହିଁ। ଘଟଣାର ତଦନ୍ତ ଚାଲିଛି ବୋଲି ବ୍ରାହ୍ମଣୀତରଙ୍ଗ ଥାନା ଆଇଆଇସି ସଂଗ୍ରାମ ବିଶ୍ୱାଳ କହିଛନ୍ତି।

# ବିଦେଶୀ ଜୀବଜନ୍ତୁ ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

**ଆଜି ସରୁଛି ଅବଧି**

ଭାରତରେ କେତେ ପ୍ରକାର ବିଦେଶୀ ବା ଏକ୍ସୋଟିକ୍ ଜୀବଜନ୍ତୁ ଅଛନ୍ତି ତା'ର ହିସାବ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ସର୍ବକ୍ଷମା ଯୋଜନା ଲାଗୁ କରାଯାଇଛି। ଏହି ଯୋଜନାରେ ଦେଶର ଯେଉଁ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ବିଦେଶୀ ପକ୍ଷୀ ବା ପଶୁ ରଖିଛନ୍ତି ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ parivesh.nic.in ୱେବ୍‌ସାଇଟ୍‌ରେ ପ୍ରସ୍ତାବ ଦେବେ। ସେହି ପ୍ରସ୍ତାବକୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁମୋଦନ କରିବାକୁ କୁହାଯାଇଥିଲା। ଏଥିପାଇଁ ଚଳିତବର୍ଷ ଜୁନ୍ ୧୬ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ୬ ମାସର ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। ତେବେ ଏହି ଅବଧି ମଙ୍ଗଳବାର ଶେଷ ହେଉଛି। କିନ୍ତୁ ଇଣ୍ଟରନେଟ୍ ସମସ୍ୟା ଯୋଗୁ ଅନେକ ପଞ୍ଜୀକରଣ କରିପାରିନାହାନ୍ତି। ତେଣୁ ଅବଧି ବୃଦ୍ଧି କରିବାକୁ ଦାବି ହେଉଛି। ୧୯୭୫ରୁ କାର୍ଯ୍ୟକାରୀ ହୋଇଥିବା କନଭେନଶନ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍‌ଡ଼ ସ୍ପେସିସ ଅଫ୍ ୱାଇଲ୍ଡ ଫନା ଆଣ୍ଡ ଫ୍ଲୋରା (CITES) ଚୁକ୍ତି ଅନୁସାରେ, ପୋଷା ତଥା ବିଦେଶୀ ପ୍ରାଣୀଙ୍କ ବିଷୟରେ ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ରଖିବାକୁ ହେବ। ତେବେ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ସଂରକ୍ଷିତ ଥିବା ପ୍ରାଣୀମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ତେବେ ପଞ୍ଜୀକରଣବେଳେ ସର୍ଭର ଡାଉନ୍ ସହ ଅନ୍ୟ ସମସ୍ୟା ଉପୁଜୁଛି। ଅନ୍ୟ ରାଜ୍ୟର ଠିକଣା ସହ ଅନ୍ୟଏକ ଜନ୍ତୁର ଫଟୋ ମଧ ଭୁଲ୍‌ରେ ଓଡ଼ିଶା ଲୋକଙ୍କ ନାମରେ ପଞ୍ଜୀକୃତ ହୋଇଯାଉଛି। ପକ୍ଷୀପ୍ରେମୀ ଅମିତାଭ ରାଉତ କୁହନ୍ତି, ଅନେକଦିନ ହେଲା ମୁଁ ପଞ୍ଜୀକରଣ କରିବା ପାଇଁ ଚେଷ୍ଟା କରୁଥିଲେ ମଧ ହେଉ ନାହିଁ। ପରିବେଶ ୱେବ୍‌ସାଇଟ୍ ଏରର ଦେଖାଉଛି। ମୋ ଭଳି ଅନେକ ଲୋକ ସ୍ୱେଚ୍ଛାକୃତ ଜଣେଇବାକୁ ଚାହିଁଲେ ମଧ ସଫଳ ହୋଇପାରୁନୁ। କେନ୍ଦ୍ର ସରକାର ଆଉ କିଛିଦିନ ଅବଧି ବୃଦ୍ଧି କରିବା ଉଚିତ।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

ବଲାଙ୍ଗୀର ଅଫିସ,୧୪।୧୨

କୃଷି ଆଇନକୁ ବିରୋଧ କରି ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାର କୃଷକଙ୍କ ଉତ୍ପାଦନ ଓ ଜମିକୁ ନେଇ ଶୋଷଣ କରିବା ସହ ପୁଞ୍ଜିପତିଙ୍କୁ ଲାଭ ପହଞ୍ଚାଇବାକୁ ଏହି ଆଇନ କରିଛି ବୋଲି କହିଥିଲେ। ଏହି ତିନି କଳା କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ଦାବି ଜଣାଇଥିଲେ। ଧାରଣାରେ ଜୟ କିଷାନ ଆନ୍ଦୋଳନର ଆବାହକ ମଣ୍ଡଳୀର ସତ୍ୟ ବନ୍‌ଛୋର, ତ୍ରିଲୋଚନ ପୁଞ୍ଜି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବାଳକୃଷ୍ଣ ଷାଣ୍ଢ, ସୌରୀକୁମାର ସାହୁ, ବ୍ୟାସଦେବ ଥନାପତି ବକ୍ତବ୍ୟ ରଖିଥିଲେ।

### ଖପ୍ରାଖୋଲ ପଞ୍ଚାୟତ ସମିତିର ବୈଠକ

ଖପ୍ରାଖୋଲ, ୧୪।୧୨(ଡି.ଏନ.ଏ.)

ଖପ୍ରାଖୋଲ ପଞ୍ଚାୟତ ସମିତିର ବୈଠକ ଭର୍ଚୁଆଲ ମାଧ୍ୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ଅଧ୍ୟକ୍ଷତା କରିଥିଲେ। ବିଡିଓ ତରଣୀ ସୁନାଙ୍କୁ ସ୍ୱାଗତ ଭାଷଣ ପରେ ଜିପିଇଓ ସୁଶାନ୍ତ ପାଣି ଗତ ପଞ୍ଚାୟତ ସମିତି ବୈଠକର ବିବରଣୀ ପଠନ କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପାନୀୟ ଜଳଉପରେ ଆଲୋଚନା ହୋଇଥିଲା। ମୋବାଇଲ ନେଟ୍‌ୱାର୍କ ନ ଥିବାରୁ ଅନେକ ସଭ୍ୟାସଭ୍ୟ ବୈଠକରେ ଅନୁପସ୍ଥିତ ଥିଲେ।


ପୁରୀ ଶ୍ରୀମନ୍ଦିରରୁ ସୋମବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ନିଆଯାଉଛି।

# କେବିକେ ପିଲାଙ୍କୁ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଶିକ୍ଷା

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଭୁବନେଶ୍ୱର, ପୁରୀ, କଟକରୁ ବାହାରି କେବିକେ ଜିଲାରେ ପହଞ୍ଚିଛି ସଂସ୍କୃତି ବିଭାଗର କାର୍ଯ୍ୟକ୍ରମ। ବିଶେଷକରି ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ଓଡ଼ିଶୀ ସଙ୍ଗୀତକୁ ଉପାନ୍ତ ଅଞ୍ଚଳରେ ପରିବେଷଣ କରାଯାଉଛି। ଏନେଇ ପଦକ୍ଷେପ ନେଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ। ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଓଡ଼ିଶୀ ନୃତ୍ୟ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଏକାଡେମୀ ପକ୍ଷରୁ କେବିକେ ଜିଲାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି। ଆଦିବାସୀ ବହୁଳ ଅଞ୍ଚଳରେ ଓଡ଼ିଶୀ ନୃତ୍ୟ କଳାର ପ୍ରଚାରପ୍ରସାର ପାଇଁ ଏକାଡେମୀ ପକ୍ଷରୁ ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା କୁହାଯାଇଛି।

ସେପ୍ଟେମ୍ବରରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଏବେ ଏହାକୁ ବ୍ୟାପକ କରିବାକୁ ସ୍ଥିର ହୋଇଛି। ଆଦିବାସୀ ବହୁଳ ଅଞ୍ଚଳରେ ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ଏଥିପାଇଁ କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଓଡ଼ିଶୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏହାର ଦାୟିତ୍ୱ ଜିଲା ସାଂସ୍କୃତିକ ପରିଷଦକୁ ଦିଆଯାଇଛି। ତାଲିମପ୍ରାପ୍ତ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ନୃତ୍ୟଗୁରୁ ପିଲାଙ୍କୁ ଓଡ଼ିଶୀ ଶିଖାଉଛନ୍ତି। ଏହି ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ମାଗଣା ହୋଇଥିବାବେଳେ ଏଥିପାଇଁ ସମ୍ପୃକ୍ତ ଅନୁଷ୍ଠାନ ଓ ଗୁରୁଙ୍କୁ ପ୍ରଶିକ୍ଷଣ ବାବଦରେ ବର୍ଷକୁ ୧ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରାଯାଉଛି। ଇତିମଧ୍ୟରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ କେନ୍ଦ୍ରରେ ପ୍ରଶିକ୍ଷଣ ନେଇସାରିଛନ୍ତି। ଜିଲା ସାଂସ୍କୃତିକ ପରିଷଦକୁ ପ୍ରଦାନ କରାଯାଉଥିବା ବାର୍ଷିକ ଅନୁଦାନ ଅର୍ଥରେ ଏହି ପ୍ରଶିକ୍ଷଣ ଦିଆଯାଉଛି। ପୂର୍ବରୁ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର କରିବା ପାଇଁ ଏକାଡେମୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଘୋଡାନାଚ, ସମ୍ପ୍ରଦା, ବନା ବାଡି ନାଚ, ପ୍ରହ୍ଲାଦ ନାଟକର ପ୍ରଚାର ପ୍ରସାର ଦିଗରେ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଯୋଜନା ରହିଛି ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦ୍ର, ରାଜ୍ୟ ସରକାର କୃଷକ ବିରୋଧୀ: ନରସିଂହ

ବଲାଙ୍ଗୀର ଅଫିସ,୧୪।୧୨

କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର କୃଷକ ବିରୋଧୀ। ସେମାନେ ଭୁଲ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛନ୍ତି। ସାରା ଦେଶରେ ଏବେ କୃଷକ ଆନ୍ଦୋଳନ ଜୋର ଧରିଛି। କେନ୍ଦ୍ର ସରକାର ଯେଉଁ ତିନୋଟି କୃଷି ଆଇନ ଆଣିଛନ୍ତି ତାହା ଚାଷୀ ବିରୋଧୀ। ଏ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ଦାୟର ପରେ ସ୍ୱାମୀନାଥନ କମିଶନ ସୁପାରିଶ ଲାଗୁ କରିବା ଅସମ୍ଭବ ବୋଲି ସରକାର କହିଥିଲେ। ଏବେ ଏମ୍‌ଏସ୍‌ପିକୁ ନେଇ ଲେଖିକରି ଦେବେ ବୋଲି ସରକାର କହୁଛନ୍ତି। ତେବେ ଭାଜପା ଲିଖିତ ପ୍ରତିଶ୍ରୁତି ଦେଲେ ମଧ ଏହା କାର୍ଯ୍ୟକାରୀ କରେ ନାହିଁ ବୋଲି ପୂର୍ବରୁ ଅଭିଜ୍ଞତା ରହିଛି। ଯଦି ଭାଜପା ସରକାର ଚାଷୀ ଦରଦୀ ତେବେ ଏମ୍‌ଏସ୍‌ପିକୁ ଆଇନ ବ୍ୟବସ୍ଥା ଭିତରେ ରଖୁ ବୋଲି ସେ କହିଛନ୍ତି। ରାଜ୍ୟ ସରକାର ବିଧାନସଭାରେ ଚାଷୀଙ୍କୁ ଉତ୍ପାଦନ ଖର୍ଚ୍ଚର ଦୁଇଗୁଣ ଟଙ୍କା ଦିଆଯାଉ ବୋଲି ପ୍ରସ୍ତାବ ଦେଇଥିବା କହିଛନ୍ତି। ଏହା କହି ରାଜ୍ୟ ସରକାର ମିଛ କହିବାର ସୀମା ଉଲଂଘନ କରିଛନ୍ତି। ସେତେବେଳେ ବିଧାନସଭାରେ ମୁଁ ନିଜେ ପ୍ରସ୍ତାବ ଆଣିଥିଲି ଯେ ଚାଷୀଙ୍କୁ ତାଙ୍କ ଅମଳ ଖର୍ଚ୍ଚର ଦେଢଗୁଣା ଦିଆଯାଉ। ଏଥିରେ ମୁଖ୍ୟମନ୍ତ୍ରୀ ରାଜି ହେଲେନାହିଁ। କେବଳ ଚାଷୀଙ୍କ ଖର୍ଚ୍ଚ ଉପରେ ୨୫ ପ୍ରତିଶତ ବଢାଇ ଧାନ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ପ୍ରସ୍ତାବ ପାରିତ କରାଗଲା। ସେତେବେଳେ ଭାଜପା ସଭ୍ୟମାନେ ମଧ ଦସ୍ତଖତ କରିଥିଲେ। କିନ୍ତୁ ପରେ ଉଭୟ ଭାଜପା ଓ ବିଜେଡି ଏହି କଥାରୁ ଓହରି ଯାଇଛନ୍ତି। ପରେ ବାଚସ୍ପତିଙ୍କ ନେତୃତ୍ୱରେ ଚାଷୀଙ୍କ ଫାଇଦା ପାଇଁ ଏକ ଗୃହ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ପ୍ରଧାନମନ୍ତ୍ରୀଙ୍କୁ ଦେଖାକରି ଚାଷୀ କିପରି ଉଚିତ ମୂଲ୍ୟ ପାଇବେ ସେନେଇ ଆଲୋଚନା କରିବା ଯୋଜନା ଥିଲା। ବାଚସ୍ପତି ଚିଠି ଦେବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଏନେଇ କୌଣସି ଜବାବ ଦେଲେନାହିଁ। ଏଥିରୁ ଉଭୟ ଭାଜପା ସରକାରଙ୍କ ଚାଷୀ ପ୍ରୀତି ସ୍ପଷ୍ଟ। ବର୍ତ୍ତମାନ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ କରିଛନ୍ତି। ଯେଉଁଥିରୁ କି ଧାନ, ଗହମ, ଆଳୁ, ପିଆଜ ଭଳି ସାମଗ୍ରୀକୁ ହଟାଇ ଦେଇ ପୁଞ୍ଜିପତିଙ୍କ ସ୍ୱାର୍ଥରେ କଳାବଜାରୀକୁ ପ୍ରୋତ୍ସାହନ ଦେଇଛନ୍ତି ବୋଲି ସେ କହିଛନ୍ତି। ସମ୍ମିଳନୀରେ କଂଗ୍ରେସ ନେତା ଅଶୋକ ନନ୍ଦ ଓ ମିଳନୀ ସାହୁ ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ କାଠପୋଲ ଭରସା

ଜୁନାଗଡ, ୧୪।୧୨ (ଡି.ଏନ.ଏ.)

**ପ୍ରଶାସନ ଶୁଣିଲାନି ନିଜେ ତିଆରି କରିଥିଲେ**

ମୁଖ୍ୟ ରାସ୍ତା ୫ ଶହ ମିଟର ଦୂର ଯିବାକୁ ହେଲେ ସିକିଳି ଜୋର (ନାଳ) ବାଧକ ସାଜୁଥିଲା। ଏଥିଯୋଗୁ ଗ୍ରାମବାସୀ ୩ କି.ମି. ଦୂର ଅଧିକ ବୁଲିକି ଯାଉଥିଲେ। ସିକିଳି ଜୋରରେ ଏକ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ମଧ ପ୍ରଶାସନ ଶୁଣିଲାନି। ଫଳରେ ଗ୍ରାମବାସୀ ଗତ କିଛି ବର୍ଷ ତଳେ ନିଜ ଉଦ୍ୟମରେ ସିକିଳି ଜୋର ଉପରେ ଏକ କାଠର ପୋଲ ତିଆରି କରି ଯିବାଆସିବା କରୁଛନ୍ତି। ଏବେ ଏହି ପୋଲ ବିପଦସଙ୍କୁଳ ହୋଇପଡିଛି। ଏହାର ମରାମତି ପାଇଁ ପ୍ରଶାସନ ମଧ ଦୃଷ୍ଟି ଦେଉନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ପରିଆ ଗାଁରେ। ଜୁନାଗଡ ବ୍ଲକ କାର୍ଯ୍ୟାଳୟରୁ ପ୍ରାୟ ୭ କି.ମି. ଦୂରରେ ଗ୍ରାମ ଅବସ୍ଥିତ। ଗୋଟିଏ ୱାର୍ଡ ବିଶିଷ୍ଟ ପରିଆ ଗାଁର ଜନସଂଖ୍ୟା ପାଖାପାଖି ୫ ଶହରୁ ଊର୍ଦ୍ଧ୍ୱ ହେବ। ଗାଁରେ ବ୍ରାହ୍ମଣ, କୁମ୍ଭାର, ମାଳି, ବଙ୍କା, ହରିଜନ ଆଦି ବିଭିନ୍ନ ଜାତିର ଲୋକେ ବାସ କରନ୍ତି। ଗ୍ରାମର ପ୍ରାୟ ଲୋକ ମୁଖ୍ୟତଃ ଚାଷ କାମ ଉପରେ ନିର୍ଭର କରିଥାନ୍ତି। ଏହି ଗାଁର ଲୋକଙ୍କ ମୁଖ୍ୟ ସମସ୍ୟା ହେଉଛି ସିକିଳି ଜୋର(ନାଳ)। ଗ୍ରାମବାସୀ ମୁଖ୍ୟ ରାସ୍ତା ନିକଟ ପୋରା ଗାଁକୁ ଉକ୍ତ ନାଳ ଦେଇ ଗଲେ ପ୍ରାୟ ୫ ଶହ ମିଟର ପଡେ। ଗାଁ ଭିତର ବୁଲାଣି ରାସ୍ତା ଦେଇ ଗଲେ ୩ କି.ମି. ପଡିଥାଏ। ସେହପିରି ଉକ୍ତ ନାଳ ଦେଇ ଜୁନାଗଡକୁ ଗଲେ ୪.୫୦ କି.ମି. ଓ ବୁଲାଣି ରାସ୍ତା ଦେଇ ଗଲେ ୭ କି.ମି. ପଡେ। ଏପରିକି ଗାଁ ଭିତର ଦେଇ ଯାଉଥିବା ବୁଲାଣି ରାସ୍ତା ମଧ ପକ୍କା ହୋଇ ନ ଥିବାରୁ ବର୍ଷା ଦିନରେ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଉକ୍ତ କାଠ ପୋଲ ଦେଇ ପ୍ରତ୍ୟହ ଗ୍ରାମବାସୀ ବିଭିନ୍ନ କାମ ପାଇଁ ଜୁନାଗଡ ବ୍ଲକ ତଥା ସହରକୁ ଯାଇଥାନ୍ତି। ପୋଲର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। କେତେବେଳେ ଯେ ଭୁଶୁଡି ପଡିବ ତାହା କହିବା ମୁସ୍କିଲ। କୌଣସି ଧନ ଜୀବନ ନଷ୍ଟ ହେବା ଆଗରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସିକିଳି ଜୋରରେ ଏକ ପୋଲ ତିଆରି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ପରିଆ ଗାଁରେ ଥିବା କାଠପୋଲ ।

